## ସଂକ୍ଷେପରେ

### ବରିଷ୍ଠ ଆଇନଜୀବୀଙ୍କ ସ୍ମୃତିସଭା

ଛତ୍ରପୁର,୩।୧ (ଦିଲ୍ଲୀପ ସାମଲ): ଗଞ୍ଜାମ ବାର ଆସୋସିଏଶନର ପୂର୍ବତନ ସଭାପତି ତଥା ବହୁ ଜନ ଆନ୍ଦୋଳନର ନେତା ସୁଧାଂଶୁ ଶେଖର ପଣ୍ଡାଙ୍କ ଗତ ୧ ତାରିଖ ମଧ୍ୟରାତିରେ ବିୟୋଗ ଘଟିଥିଲା। ଶୁକ୍ରବାର ସ୍ଥାନୀୟ ଲକ୍ଷ୍ମଣ ଭବନଠାରେ ଛତ୍ରପୁର ଆଞ୍ଚଳିକ ପରିଷଦର ସମ୍ପାଦକ ଡି. ଆଦିନାରାୟଣ ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ତଥା ସିପିଆଇ ରାଜ୍ୟ ନେତା ଏନ. ନାରାୟଣ ରେଡ୍ଡୀ, କୃଷକ ନେତା ରାଜୀବ ଲୋଚନ ପଣ୍ଡା, ଏସ. କ୍ରିଷ୍ଣା ରେଡ୍ଡୀ, ସିପିଆଇ ଜିଲା ସହସମ୍ପାଦକ ନୀଳକଣ୍ଠ ଦାଶ, ପୂର୍ବତନ ସରପଞ୍ଚ ସିମାଞ୍ଚଳ ସାହୁଙ୍କ ସହ ବହୁ ଆଇନଜୀବୀ ଯୋଗ ଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ପଣ୍ଡା ୧୯୬୯ରେ ଅଖିଳ ଭାରତ ଛାତ୍ର ସଂଘରେ ଯୋଗଦେଇ ଗଞ୍ଜାମ ଜିଲାରେ ବଳିଷ୍ଠ ସଙ୍ଗଠକ ଓ ସଂଗ୍ରାମୀ ନେତା ଭାବରେ ବହୁ ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଜଣେ ଆଇନଜୀବୀ ଭାବେ ସେ ବହୁ ଗରିବ ଲୋକଙ୍କ ପାଇଁ ଲଢି ଅନେକ ମକଦ୍ଦମାରେ ସଫଳତା ହାସଲ କରିଥିଲେ। ପଣ୍ଡା ମଧ୍ୟ ଗଞ୍ଜାମ ବାର୍ ଆସୋସିଏଶନର ଦୁଇଥର କର୍ମକର୍ତ୍ତା ରୂପେ ନିର୍ବାଚିତ ହୋଇଥିଲେ।

### କ୍ରୀଡ଼ା ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଆସିକା,୩।୧ (ସୁରେନ୍ଦ୍ର ନାଥ ସାହୁ): ଆସିକା ବିଜ୍ଞାନ ମହାବିଦ୍ୟାଳୟର କ୍ରୀଡ଼ା ପ୍ରଶିକ୍ଷକ ସନ୍ତୋଷ କୁମାର ପ୍ରଧାନ ଚାକିରୀରୁ ଅବସର ନେଇଛନ୍ତି । ଏଥିଲାଗି ଅଧ୍ୟକ୍ଷ ଡ. ଜିବାନନ୍ଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ହୋଇଥିଲା । ଏଥିରେ ଗତ ୩୩ବର୍ଷ ଧରି ବିଜ୍ଞାନ ମହାବିଦ୍ୟାଳୟରେ କର୍ତ୍ତବ୍ୟ ସମ୍ପାଦନ କରୁଥିବା କ୍ରୀଡା ଶିକ୍ଷକ ପ୍ରଧାନଙ୍କ ବହୁମୁଖୀ ପ୍ରତିଭା ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରୀଡାର ବିକାଶ ଲାଗି ତାଙ୍କର ସଂକଳ୍ପବଦ୍ଧ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

### ଡିଆର୍‌ଆଇ ଋଣ ପ୍ରଦାନ ସଂକ୍ରାନ୍ତରେ ଆଲୋଚନାଚକ୍ର

ଛତ୍ରପୁର, ୩।୧ (ଦିଲ୍ଲୀପ ସାମଲ)

ଡିଆର୍‌ଆଇ ଋଣ ପ୍ରଦାନ ସଂକ୍ରାନ୍ତରେ ଶୁକ୍ରବାର ଗଞ୍ଜାମ ଜିଲା ପରିଷଦର ଜଉଗଡ ସମ୍ମିଳନୀ କକ୍ଷରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଯେଉଁ ବ୍ୟକ୍ତିଙ୍କର ବାର୍ଷିକ ଆୟ ସହରାଞ୍ଚଳରେ ୨୪ ହଜାର ଟଙ୍କାରୁ କମ ଏବଂ ଗ୍ରାମାଞ୍ଚଳରେ ୧୮ ହଜାର ଟଙ୍କାରୁ କମ ଥିବ ସେହିମାନଙ୍କୁ ଡିଆର୍‌ଆଇ ଋଣ ମିଳିପାରିବ। ଛୋଟଛୋଟ ବ୍ୟବସାୟ କରିବାକୁ ମଧ୍ୟ ୧୫ ହଜାର ଟଙ୍କା ଋଣ ଶତକଡା ୪ ପ୍ରତିଶତ ସୁଧରେ ପ୍ରଦାନ କରାଯିବ। ଏଥିପାଇଁ ଜାନୁୟାରୀ ୧ରୁ ୨୫ ତାରିଖ ପର୍ଯ୍ୟନ୍ତ ଆବେଦନ ତାରିଖ ରହିଛି। ମାର୍ଚ୍ଚ ଶେଷ ସୁଦ୍ଧା ଋଣ ପ୍ରଦାନ କରିବାକୁ ଜିଲାପାଳ ପରିଡା ବ୍ୟାଙ୍କମାନଙ୍କୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ଡ. ପ୍ରମୋଦ ପୃଷ୍ଟି ସ୍ୱାଗତ ସୂଚନା ଦେଇ ଏହି ଡିଆର୍‌ଆଇ ଋଣ ଗଞ୍ଜାମ ଜିଲା ପ୍ରଶାସନର ଏକ ସ୍ୱତନ୍ତ୍ର ପ୍ରୟାସ। ଏହାଦ୍ୱାରା ଗଞ୍ଜାମ ଜିଲାର ଛୋଟଛୋଟ ବ୍ୟବସାୟୀମାନେ ଉପକୃତ ହୋଇପାରିବେ ବୋଲି କହିଥିଲେ। ଆଲୋଚନାରେ ଜିଲା ସମାଜ ମଙ୍ଗଳ ଅଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ, ମିଶନ ଶକ୍ତି, ଜିଲାର ସମସ୍ତ ବିଡିଓ, କାର୍ଯ୍ୟନିର୍ବାହୀ ଅଧିକାରୀ, ସିଡିପିଓ, ଲିଡ ବ୍ୟାଙ୍କ ମ୍ୟାନେଜର ଉପସ୍ଥିତ ଥିଲେ ।

# ପୋଷ୍ୟ କନ୍ୟା ସନ୍ତାନକୁ ବିବାହ ବେଳେ କୁଳରୁ ବାସନ୍ଦ

**୪ ଜଣଙ୍କ ନାଁରେ ମାମଲା**

ଛତ୍ରପୁର,୩।୧ (ସନ୍ତୋଷ ପାଢ଼ୀ)

ରାସ୍ତାକଡ଼ରୁ ମିଳିଥିବା କନ୍ୟାସନ୍ତାନକୁ ପୋଷ୍ୟ ଭାବେ ଗ୍ରହଣ କରିବା ପରେ ବିବାହ ବେଳେ କୁଳରୁ ବାସନ୍ଦ କରାଯାଇଥିବା ପରି ଘଟଣା ଗଞ୍ଜାମ ଜିଲା ଛତ୍ରପୁର ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଏନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୁତିଗୋପାଳପୁର ଗ୍ରାମର ପି.ଚନ୍ଦ୍ରଶେଖର ରେଡ୍ଡୀ ଏନେଇ କୁଳର ୪ ଜଣଙ୍କ ନାମରେ ଛତ୍ରପୁର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ପରିବାରକୁ ନ୍ୟାୟ ଦେବା ସହ ପରିବାର ସମ୍ମାନ ଫେରାଇ ଆଣିବାକୁ ସେ ପୋଲିସକୁ ନିବେଦନ କରିଛନ୍ତି। ପି. ଚନ୍ଦ୍ରଶେଖର ଗତ ୨୮ ତାରିଖରେ ଥାନାରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିବା ପରେ ୮୯୮/୨୦୨୪ରେ ଏକ ମାମଲା ରୁଜୁ ହୋଇଛି। ତେବେ ଏଯାବତ୍ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ, ଗୋଟିଏ ଅସହାୟ କନ୍ୟା ସନ୍ତାନକୁ ଜନ୍ମ ଦେଇ କେହି ଛତିଶଗଡ଼-ରାୟପୁର ରାସ୍ତାକଡ଼ରେ ଛାଡି ଚାଲିଯାଇଥିଲେ। ଉକ୍ତ ଶିଶୁକନ୍ୟାକୁ ପି.ସଙ୍ଗୀତା ନାମଦେଇ ତାଙ୍କ ବଡଭାଇ ପି.ରାମଚନ୍ଦ୍ର ରେଡ୍ଡୀ ଲାଳନପାଳନ କରି ରଖିଥିଲେ। ପରେ ତାଙ୍କ ପରିବାରର ଭଉଣୀର ପୁଅ ଏସ.ସୁନୀଲ କୁମାରଙ୍କ ସହ ଝିଅଟିର ବିବାହ ସ୍ଥିର ହୋଇଥିଲା। ବିବାହ ପାଇଁ ତାଙ୍କ ରେଡ୍ଡୀ କୁଳର ପରିଚୟପତ୍ର ବାଧ୍ୟତାମୂଳକ ଥିବାରୁ ସେ କୁଳକୁ ପରିଚୟପତ୍ର ମାଗିଥିଲେ। ତେବେ କୁଳମୁଖିଆମାନେ ତାଙ୍କୁ ବିବାହ ପାଇଁ ଅନୁମତି ନ ଦେଇ ସେହି ଝିଅର ପୂର୍ବ ବିଷୟରେ ତାଙ୍କୁ ଚୂଡାନ୍ତ ତଥ୍ୟ ମାଗିଥିଲେ। ସେ ସେହି ଝିଅ ସଙ୍ଗୀତା କିପରି ଓ କେଉଁ ପରିସ୍ଥିତିରେ ମୋ ପାଖକୁ ଆସିଥିଲା ଲିଖିତ ଭାବେ ଆଫିଡାଭିଟ୍ କରି ପି. ଚନ୍ଦ୍ରଶେଖରଙ୍କୁ ପ୍ରଦାନ କରିଥିଲେ। ଏହାସତ୍ତ୍ୱେ କୁଳର ଭଦ୍ରଲୋକମାନେ ଏହି ବିବାହ ପାଇଁ ଅନୁମତି ଦେଇ ନ ଥିଲେ। କୌଣସି ବିଷୟକୁ ବିଚାର ନ କରି କୁଳର ଭଦ୍ରବ୍ୟକ୍ତିମାନେ ଝିଅ ସଙ୍ଗୀତାର ବିବାହକୁ ଅନୁମତି ଦେଲେ ନାହିଁ । କୁଳର ନିୟମ ନ ମାନିଲେ ପରିବାରକୁ ବାସନ୍ଦ କରାଯିବା ପାଇଁ ଧମକ ଦେଇଥିଲେ। ହେଲେ ଦୁଇ ପରିବାର ଡିସେମ୍ବର ୧୦ରେ ବିବାହ ପାଇଁ ଠିକ କରି ସମସ୍ତ ପ୍ରସ୍ତୁତି କରି ସାରିଥିଲେ। ମାତ୍ର କୁଳର କିଛି ଭଦ୍ରଲୋକ ଏହି ପରିବାରକୁ କୁଳରୁ ବାସନ୍ଦ କରାଯାଇଛି, କେହି ତାଙ୍କ ବିବାହ ଓ ଭୋଜିରେ ସାମିଲ ନ ହେବାକୁ ଚେତାବନୀ ଦେଇଥିଲେ। ଫଳରେ ରେଡ୍ଡୀ କୁଳର କେହି ଜଣେ ମଧ୍ୟ ଭୋଜି କିମ୍ବା ବିବାହ କାର୍ଯ୍ୟକୁ ଆସି ନ ଥିଲେ, ତାଙ୍କର ଏଥିପାଇଁ ବହୁକ୍ଷତି ଓ ସମ୍ମାନ ହାନି ହୋଇଥିଲା ବୋଲି ପି. ଚନ୍ଦ୍ରଶେଖର ଅଭିଯୋଗ କରିଛନ୍ତି ।

## ହାତୀପଲ ଘରଭାଙ୍ଗି ଧାନ ଖାଇଲେ

### ପରିବା ଚାଷ, ସୋଲାର ଲାଇଟ ନଷ୍ଟ କଲେ

ଭଞ୍ଜନଗର,୩।୧ (ବାବୁଲା ପ୍ରଧାନ):

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଅନ୍ତର୍ଗତ ମୁଜାଗଡ ବନାଞ୍ଚଳରେ କିଛିଦିନ ହେଲା ୨୫ ଟିକିଆ ହାତୀପଲ ଘୂରି ବୁଲୁଛନ୍ତି। ସନ୍ଧ୍ୟା ହେଲେ ଜଙ୍ଗଲରୁ ବାହାରି ଲୋକଙ୍କ ଫସଲ କ୍ଷତି କରୁଛନ୍ତି। ଶୁକ୍ରବାର ହାତୀପଲ ଚିଟିପଲ୍ଲୀ ଗ୍ରାମରେ ବ୍ୟାପକ ଫସଲ କ୍ଷତି କରିଛନ୍ତି। କେତେକ ସ୍ଥାନରେ ଘରଭାଙ୍ଗି ଭିତରେ ଥିବା ଧାନ ଖାଇ ଦେଇଛନ୍ତି। ଏଥିସହ ଜମିରେ ଲାଗିଥିବା ସୋଲାର ଲାଇଟକୁ ମଧ୍ୟ ଭାଙ୍ଗି ଦେଇଛନ୍ତି। କେତେଜଣ ଚାଷୀ ଋଣ ଆଣି ଚାଷ କରିଥିବାରୁ ଫସଲ ନଷ୍ଟ ପରେ ସେମାନେ ଚିନ୍ତାରେ ପଡିଛନ୍ତି। ଅନ୍ୟପକ୍ଷରେ ବନ କର୍ମଚାରୀମାନେ ହାତୀପଲକୁ ଘଉଡ଼ାଇବାକୁ ଯାଇ ନାକେଦମ ହେଲେଣି। ବନପାଳ ଅନୁପ କୁମାର ବିଷୋୟୀ କହିଛନ୍ତି ଯେ, ଲୋକଙ୍କ ଧନଜୀବନ ସହ ବନ୍ୟପ୍ରାଣୀ କିଭଳି ସୁରକ୍ଷିତ ରହିବେ ସେଥିପ୍ରତି ଦୃଷ୍ଟି ଦିଆଯାଉଛି। ଜଙ୍ଗଲ ଆଇନ ଉପରେଲୋକଙ୍କୁ ସଚେତନ କରାଯାଉଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କିଭଳି ସହାୟତା ମିଳିବ ସେ ନେଇ ପଦକ୍ଷେପ ନିଆଯାଇଛି।

## ମଣ୍ଡିରେ ଚାଷୀ ଠକେଇର ଶିକାର ହେଲେ କାର୍ଯ୍ୟାନୁଷ୍ଠାନ

ଭଞ୍ଜନଗର,୩।୧ (ବାବୁଲା ପ୍ରଧାନ)

ଭଞ୍ଜନଗର ବ୍ଲକ ମୁଦୁଲିପଲ୍ଲି ମଣ୍ଡିରେ ଶୁକ୍ରବାର ଧାନକିଣା ଶୁଭାରମ୍ଭ ହୋଇଛି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରି ସେ କହିଥିଲେ ଯେ, ଆମ ସରକାର ଚାଷୀଙ୍କୁ ଯାହା କଥା ଦେଇଥିଲେ, ତାହା ରଖିଛନ୍ତି। ଚଳିତବର୍ଷ ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ଏମ୍‌ଏସ୍‌ପି ଓ ଇନପୁଟ ସହାୟତା ମିଶି ୩୧୦୦ ଟଙ୍କା ମିଳିବ। ନିର୍ଦ୍ଧାରିତ ଦିନରେ ଚାଷୀ ଧାନ ଧରି ମଣ୍ଡିକୁ ଆସିବେ ଓ ମିଲର୍ସମାନେ ଧାନ ଉଠାଇବେ। ଧାନ ବିକ୍ରି ସମୟରେ ଚାଷୀ ଯଦି କୌଣସି ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତେବେ ମଣ୍ଡି ନୋଡାଲ ଅଫିସର ଓ ବିଭାଗୀୟ ଅଧିକାରୀଙ୍କୁ ଜଣାନ୍ତୁ। ଯଦି କୌଣସି ଚାଷୀ ଠକେଇର ଶିକାର ହୁଅନ୍ତି ତେବେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଧାୟକ ନାୟକ କହିଥିଲେ। ଅଦିନିଆ


ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଉଦ୍‌ବୋଧନ ଦେଉଛନ୍ତି।

ବର୍ଷାରେ କ୍ଷତି ହୋଇଥିବା ଫସଲର ଆକଳନ କରାଯାଇ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ। ସମସ୍ତ ପଞ୍ଜୀକୃତ ଚାଷୀଙ୍କଠାରୁ ସରକାରୀ ଦରରେ ଧାନକିଣା ଯିବା ସହ ଟଙ୍କା ପ୍ରଦାନ କରାଯିବ ବୋଲି ଉପଜିଲାପାଳ ଅନିଲ ସେଠୀ କହିଥିଲେ। ମଣ୍ଡି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଉପଜିଲାପାଳ ବିଶ୍ୱରଞ୍ଜନ କର, ଭଞ୍ଜନଗର ତହସିଲଦାର ଉମାଶଙ୍କର ବେହେରା, ଅତିରିକ୍ତ ଯୋଗାଣ ଅଧିକାରୀ ଅସିତ୍ ମହାନ୍ତି, ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସୁମନ୍ତ ସାହୁ, ଯୋଗାଣ ଅଧିକାରୀ, ମିଶନଶକ୍ତି ବିପିସି, ମା ବାପାଙ୍ଗୀ ଏସ୍‌ଏଚଜି ସଭାପତି ସାଇବାଣୀ ବିଷୋୟୀ, ସମ୍ପାଦକ ଝୁନୁ ବିଷୋୟୀଙ୍କ ସମେତ ପଞ୍ଚାୟତ ପ୍ରତିନିଧି, ମିଲର୍ସ, ଚାଷୀ, ପ୍ୟାକ୍ସ ସମ୍ପାଦକ ଓ ଆର୍‌ଏମ୍‌ସି କର୍ମଚାରୀ ଉପସ୍ଥିତ ଥିଲେ।

## ବସ୍, ଅଟୋ ମାଲିକ ବିବାଦ ତୁଟିଲା

ଚିକିଟି,୩।୧ (ପ୍ରକାଶ ଚନ୍ଦ୍ର ସାହୁ): ଚିକିଟି ଅଞ୍ଚଳରେ ଯାତ୍ରୀ ପରିବହନକୁ ନେଇ ବସ୍ ଓ ଅଟୋ ମାଲିକଙ୍କ ମଧ୍ୟରେ ଦେଖା ଦେଇଥିବା ବିବାଦ ସମାଧାନ ହୋଇଛି। ଗୁରୁବାର ଯାତ୍ରୀ ପରିବହନକୁ ନେଇ ବସ ଓ ଅଟୋ ମାଲିକଙ୍କ ମଧ୍ୟରେ ବିବାଦ ଉଗ୍ରରୂପ ଧାରଣ କରିଥିଲା। ଅଟୋ ଚାଳକମାନଙ୍କ ଯାତ୍ରୀ ପରିବହନକୁ ନେଇ ଘରୋଇ ଯାତ୍ରୀବାହି ବସ ମାଲିକମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବସ ଚଳାଚଳ ବନ୍ଦ ରଖିଥିଲେ। ଫଳରେ ଚିକିଟି-ବ୍ରହ୍ମପୁର, ଚିକିଟି-ଦିଗପହଣ୍ଡି, ଚିକିଟି-ଇଚ୍ଛାପୁର ବସ ଚଳାଚଳ ବନ୍ଦ ହୋଇଥିଲା। ରାତି ପ୍ରାୟ ସାଢେ ୯ଟାରେ ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର, ଚିକିଟି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୁଳଦୀପ କୁମାର କେ. ନୂଆଗାଁ ଥାନାରେ ପହଞ୍ଚି ଉଭୟ ପକ୍ଷଙ୍କ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଉକ୍ତ ଘଟଣାର ଆପୋଷ ସମାଧାନ କରାଯାଇଥିଲା ।ତେଣୁ ଶୁକ୍ରବାର ଠାରୁ ସମସ୍ତ ଅଞ୍ଚଳକୁ ବସ ଚଳାଚଳ ସ୍ୱାଭାବିକ ହୋଇଛି।

## ତାଲା ଭାଙ୍ଗି ଚୋରି, ଥାନାରେ ମାମଲା

ଗୋପାଳପୁର,୩।୧ (ନବୀନ ରାଜ ଆଚାରୀ)

କିଛି ଦିନ ହେଲା ଗୋପାଳପୁର ଥାନା ଅଞ୍ଚଳରେ ଚୋରଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। କମଳାପୁର ଓ ଗୋଲାବନ୍ଦରେ କେଇସି କମ୍ପାନୀର ଅଧିନରେ ଭୁବନେଶ୍ୱର ଠିକା କମ୍ପାନୀ ପକ୍ଷରୁ ଓଭରହେଡ଼ ୱାଟରଟ୍ୟାଙ୍କର ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ନେଇ ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି। ସୂଚନାଯୋଗ, ଏହି ଥାନା ଅଧିନସ୍ଥ କମଳାପୁର ଓ ଗୋଲାବନ୍ଦରେ କେଇସି କମ୍ପାନୀର ଅଧିନରେ ଭୁବନେଶ୍ୱର ଠିକା ସଂସ୍ଥା ପକ୍ଷରୁ ଓଭରହେଡ଼ ୱାଟରଟ୍ୟାଙ୍କର ନିର୍ମାଣ କାର୍ଯ୍ୟ ଚାଲିଛି । ସୋମବାର ସନ୍ଧ୍ୟାରେ କାମ ଶେଷ କରି ସନ୍ତୋଷ ପାଣିଗ୍ରାହୀ ଓ ମିସ୍ତ୍ରୀ ମାନେ ଘରକୁ ଚାଲି ଯାଇଥିଲେ। ମଙ୍ଗଳବାର ଆସି ଦେଖିବା ବେଳକୁ ରୁମର ଚାବି ଭାଙ୍ଗି କଟିଙ୍ଗ ମେସିନ, ହାମାର, ପ୍ଲାୟାର, ବ୍ରେକିଙ୍ଗ ମେସିନ, ଗ୍ୟାସ ସିଲେଣ୍ଡର, ପାଇପ, କପର ୱାଇର ଓ ଅନ୍ୟ ସାମଗ୍ରୀ ପ୍ରାୟ ଦେଢ଼ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି ହୋଇଥବା ଜାଣି ପାରିଥିଲେ। ସନ୍ତୋଷ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଥାନା କେଶ ନମ୍ବର ୧/୨୫ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି ।

## ଜିଲାସ୍ତରୀୟ ଧାନମଣ୍ଡି ଶୁଭାରମ୍ଭ କଲେ ମନ୍ତ୍ରୀ


ମନ୍ତ୍ରୀ ଧାନ ମଣ୍ଡି ଶୁଭାରମ୍ଭ କରୁଛନ୍ତି।

ଗୋପାଳପୁର,୩।୧ (ନବୀନ ରାଜ ଆଚାରୀ)

ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ଦାସପୁର ସେବା ସମବାୟ ସମିତିର କୋଳଥିଗାଁରେ ଶୁକ୍ରବାର ଜିଲାସ୍ତରୀୟ ଧାନମଣ୍ଡି ଶୁଭାରମ୍ଭ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ଖଣି ଇସ୍ପାତ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ବିଭୂତି ଭୂଷଣ ଜେନା ଯୋଗଦେଇ ମଣ୍ଡିର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥିଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରମୋଦ ପୃଷ୍ଟି, ମୁଖ୍ୟ ଯୋଗାଣ ଅଧିକାରୀ ପୁସା ମୁଣ୍ଡା, କୋଳଥିଗାଁ ସରପଞ୍ଚ ଜଗମୋହନ ପାତ୍ର ଉପସ୍ଥିତ ଥିଲେ। କନିଷ୍ଠ ତହସିଲଦାର କବିରାଜ ପ୍ରଧାନ ଅତିଥି ପରିଚୟ ଦେଇଥିଲେ। ଏହି ସରକାର ଚାଷୀଙ୍କ ସରକାର। ଭଲ ଧାନ ଓ ଭିଜା ଧାନକୁ ଅଲଗା କରି ମଣ୍ଡିରେ ଦେବା ପାଇଁ ମନ୍ତ୍ରୀ ଜେନା ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ମଣ୍ଡିରେ ଶୁକ୍ରବାର ୫ ଶହ କୁଇଣ୍ଟାଲ ଧାନ ଉଠାଯାଇଛି। ପୂର୍ବରୁ ଗଞ୍ଜାମ ଜିଲାରେ ଡିସେମ୍ବର ୨୩ ତାରିଖରେ ଧାନମଣ୍ଡି ଖୋଲିବାକୁ ସ୍ଥିର ହୋଇଥିଲା। ଅଦିନିଆ ବର୍ଷା ଯୋଗୁ ଜିଲାପାଳ ମଣ୍ଡି ତାରିଖ ଘୁଞ୍ଚାଇଥିଲେ। ଅତିରିକ୍ତ ଯୋଗାଣ ଅଧିକାରୀ ସୁରେନ୍ଦ୍ର ବାଗ, ଉପଖଣ୍ଡ ଯୋଗାଣ ଅଧିକାରୀ ଶଙ୍କଳେଶ୍ୱର ଦାସ, ଏଆର୍‌ସିଏସ୍ ପର୍ଶୁରାମ ପାତ୍ର, ସମବାୟ ନିରୀକ୍ଷକ ସସ୍ମିତା ମାଳୀ, ରଙ୍ଗେଇଲୁଣ୍ଡା ଯୋଗାଣ ନିରୀକ୍ଷକ ସସ୍ମିତ ପ୍ରସାଦ ଦାସ, ସମିତିସଭ୍ୟ ତନୁଜା ବେହେରା, ସୁନୀଲ ପାତ୍ରଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।

## ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

କାଶୀନଗର,୩।୧ (ଟି. କ୍ରିଷ୍ଣା ରାଓ)

ଗଜପତି ଜିଲା କାଶୀନଗରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏନେଇ ଜନ ଅସନ୍ତୋଷ ଦେଖିବାକୁ ମିଳିଛି। ଫଳରେ ଗଜପତି ଜିଲାପାଳ ବିଜୟ କୁମାର ଦାସ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମହମ୍ମଦ ଅଲ୍ଲୀ ଗୁରୁବାର ଅଚାନକ କାଶୀନଗର ଗସ୍ତ କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ରେକର୍ଡପତ୍ର ଯାଞ୍ଚ କରି ଜନସାଧାରଣଙ୍କୁ ଯେପରି ୨୪ ଘଣ୍ଟା ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ମିଳିପାରିବ ତାହା ସୁନିଶ୍ଚିତ କରିବା ସକାଶେ ମେଡିକାଲ ଅଫିସର ଇନଚାର୍ଜଙ୍କୁ ଉଭୟ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ଉମ୍ବରୁଧର ମଲ୍ଲିକଙ୍କୁ ବେଳେ ବେଳେ ଅଚାନକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କାଶୀନଗରବାସୀଙ୍କ ପକ୍ଷରୁ ଜିଲାପାଳଙ୍କୁ ବିଭିନ୍ନ ଅଭିଯୋଗ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। କାଶୀନଗର ନାଗରିକ ମହାସଭା ସଭାପତି ପ୍ରଶାନ୍ତ ମିଶ୍ର ଉକ୍ତ ପତ୍ର ଦେଇ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରେସ୍ କ୍ଲବ ସଭାପତି ରାଜେଶ ମିଶାଲ, ବିଭିନ୍ନ ଦଳର ନେତା ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ମେଡିକାଲ ଅଫିସର ଇନଚାର୍ଜ ଭାବେ ଜଣେ ଅନୁଭୂତିସମ୍ପନ୍ନ ଡାକ୍ତରଙ୍କୁ ନିଯୁକ୍ତି ଦେବା, ତାରିଖ ନ ଥିବା ବ୍ୟାନର ଲଗାଇ ହେଉଥିବା ବୈଠକବନ୍ଦ କରିବା, ଜରୁରୀ ଚିକିତ୍ସା ଲୋଡୁଥିବା ରୋଗୀ, ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ବେଳକୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ନର୍ସ ଓ କର୍ମଚାରୀ ନ ରହିବା, ରୋଗୀ କଲ୍ୟାଣ ସମିତି ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇବା ଆଦି ଉଲ୍ଲେଖ ରହିଛି। ଏଥିସହ କାର୍ଯ୍ୟରତ ମେଡିକାଲ ଅଫିସର ଇନଚାର୍ଜଙ୍କ ବଦଳି, ଜଣେ ସିନିୟର ଡାକ୍ତରଙ୍କୁ ଦାୟିତ୍ୱ ଦେବା, ଖାଲି ପଡିଥିବା ସମସ୍ତ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ଓ ସ୍ୱାସ୍ଥ୍ୟସେବାକୁ ସମ୍ପୂର୍ଣ ବ୍ୟବସ୍ଥିତ କରିବାକୁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଜନଆନ୍ଦୋଳନ କରାଯିବ ବୋଲି କୁହାଯାଇଛି।

## ଧାନକିଣା, ବିହନ ବଣ୍ଟନର ଶୁଭାରମ୍ଭ

ଜଗନ୍ନାଥପ୍ରସାଦ,୩।୧ (ବିଭୁ ପ୍ରସାଦ ପଟ୍ଟନାୟକ)

ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ ନାୟକ ଜଗନ୍ନାଥପ୍ରସାଦ ବ୍ଲକ ଗସ୍ତ କରି ଗୋଷ୍ଠୀ କୃଷି ଅଧିକାରୀ କାର୍ଯ୍ୟାଳୟଠାରେ ଓୟୁଟିକିରା ଓ ତ୍ରାଫା ପକ୍ଷରୁ ବିହନ ବଣ୍ଟନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପ୍ରତିନିଧି ମହେନ୍ଦ୍ର ପଣ୍ଡା ଉପସ୍ଥିତ ଥିବାବେଳେ କୃଷି ଅଧିକାରୀ ଭବାନୀ ଶଙ୍କର ମହାପାତ୍ର, ସହକାରୀ କୃଷି ଅଧିକାରୀ ଦିବ୍ୟ ଚେତନା, ଶିବରାମ ଦଳବେହେରା, ଦିଲ୍ଲୀପ ପ୍ରଧାନ, ମନୋଜ ପଣ୍ଡା, ରଞ୍ଜନ କୁମାର ସିଙ୍ଗ, ଜିତେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀଙ୍କୁ ଚିନା ବାଦାମ, ମୁଗ ବିରି, ରାଶି, ବାଜୁଲା ବିହନ ପ୍ରଦାନ କରାଯାଇଥିଲା। ପରେ ବିଧାୟକ ନାୟକ ବ୍ଲକରେ ଖରିଫ ଧାନକିଣାର ଶୁଭାରମ୍ଭ କରିଛନ୍ତି। କାଦୁଆ ପଞ୍ଚାୟତରେ ଥିବା ସମବାୟ ସମିତି ପରିସରରେ ଧାନମଣ୍ଡି ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ନାୟକ ଯୋଗଦେଇଥିବା ବେଳେ ତହସିଲଦାର ଅଶୋକ କୁମାର ମୁଦୁଲି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନ୍ମଥନାଥ ନାଥ ମଲ୍ଲିକ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଚ୍ୟୁତା ନନ୍ଦ ପଟ୍ଟନାୟକ, ସାର୍କସ୍ କମଳ କୁମାର ଆଚାର୍ଯ୍ୟ, ବଜାର ନିରୀକ୍ଷକ ନିଖିଳ କୁମାର ପ୍ରଧାନ ମଞ୍ଚାସୀନ ଥିଲେ। ମଣ୍ଡିରେ କେହି ବି ହଇରାଣ କିମ୍ବା ଶୋଷଣ କରିବା ପାଇଁ ଚେଷ୍ଟା କଲେ ତୁରନ୍ତ ବିଭାଗୀୟ ଅଧିକାରୀଙ୍କୁ ଜଣାନ୍ତୁ ସେମାନଙ୍କ ପ୍ରତି ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ତୁରନ୍ତ ନିଆଯିବ ବୋଲି ବିଧାୟକ ଘୋଷଣା କରିଥିଲେ।

## ଜିରାଙ୍ଗରେ ମନ ଜିଣୁଛି ବୌଦ୍ଧ କୀର୍ତ୍ତିରାଜି

ମୋହନା,୩।୧ (ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକ ଜିରାଙ୍ଗରେ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ବୌଦ୍ଧ ମନ୍ଦିର। ବ୍ରହ୍ମପୁରଠାରୁ ୮୫ କି.ମି. ଦୂରରେ ଥିବା ଏହି ବୌଦ୍ଧସ୍ତୂପ ଭଗବାନ ବୁଦ୍ଧଙ୍କ ପରେ ବୌଦ୍ଧ ଧର୍ମର ଦ୍ୱିତୀୟ ଧର୍ମଗୁରୁ ଭାବେ ପରିଚିତ ପଦ୍ମସମ୍ଭବଙ୍କ ନାମରେ ପରିଚିତ। ୨୦୧୦ରେ ଏହି ମନ୍ଦିରକୁ ବୌଦ୍ଧ ଧର୍ମଗୁରୁ ଦଲାଇଲାମା ଉଦ୍‌ଘାଟନ କରିଥିଲେ। ଏହି ପର୍ଯ୍ୟଟନ ସ୍ଥଳ ଦେଖିବାକୁ ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ ଆସନ୍ତି। ମନ୍ଦିରରେ ଥିବା ବିରାଟ ବୁଦ୍ଧ



ମୂର୍ତ୍ତି, ବୌଦ୍ଧ କୀର୍ତ୍ତିରାଜି, କଳା ସଂସ୍କୃତିଭରା କାରୁକାର୍ଯ୍ୟ ପର୍ଯ୍ୟଟକଙ୍କ ମନ କିଣିନିଏ। ମନ୍ଦିର ଆଗରେ ରହିଛି ଏକ ପଦ୍ମସରୋବର। ସରୋବର ମଝିରେ ପଦ୍ମସମ୍ଭବଙ୍କ ବିରାଟ ମୂର୍ତ୍ତି। ସେହିପରି ମନ୍ଦିର ପରିସରରେ ପର୍ଯ୍ୟଟକଙ୍କ ପାଇଁ ରହଣି ବ୍ୟବସ୍ଥା ସହ ଫୁଡ କୋର୍ଟ ଆଦି ରହିଛି । ମନ୍ଦିରକୁ ଲାଗି ରହିଛି ବୌଦ୍ଧସ୍ତୂପ । ନଭେମ୍ବର, ଡିସେମ୍ବର ଓ ଜାନୁଆରୀରେ ପ୍ରତିଦିନ ଲକ୍ଷାଧିକ ପର୍ଯ୍ୟଟକଙ୍କ ଏଠାରେ ସମାଗମ ହୋଇଥାଏ।

## ଚିକିଟିରେ ଖୋଲିଲା ଧାନମଣ୍ଡି

ଚିକିଟି,୩।୧ (ପ୍ରକାଶ ଚନ୍ଦ୍ର ସାହୁ):

ଚିକିଟି ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁରଠାରେ ଧାନମଣ୍ଡିର ଶୁଭାରମ୍ଭ ହୋଇଛି। ତହସିଲଦାର ବିଶ୍ୱରଞ୍ଜନ କହଁର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଚିକିଟି ଯୋଗାଣ ଅଧିକାରୀ ସ୍ମୃତିଶିକ୍ଷା କଳ୍ପରେଖା ସିଂସାମନ୍ତ, କୋ-ଅପୋରେଟିଭ ବ୍ୟାଙ୍କର ଏରିଆ ଅଫିସର ଚାନ୍ଦିନୀ ସେଠୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ଅଶୋକ କୁମାର ଦଳେଇଙ୍କ ସମେତ ସମସ୍ତ ମିଲ ମାଲିକ, ସେବା ସମବାୟ ସମିତିର ସମ୍ପାଦକ ଉପସ୍ଥିତ ଥିଲେ। ପ୍ରଥମ ଦିନ କୌଣସି ଧାନକ୍ରୟ ହୋଇ ନ ଥିବା ଜଣାପଡିଛି। ପର୍ଯ୍ୟାୟକ୍ରମେ ବ୍ଲକର ୧୭ଟି ପଞ୍ଚାୟତ ଏବଂ ବିଜ୍ଞାପିତ ଅଞ୍ଚଳରେ ୨୩ଟି ମଣ୍ଡି ଖୋଲାଯିବ ବୋଲି ଯୋଗାଣ ଅଧିକାରୀ ସିଂସାମନ୍ତ କହିଛନ୍ତି।

## ସଚେତନତା ବାର୍ତ୍ତା ବାଣ୍ଟି ଶୋଭାଯାତ୍ରା

### ଦ୍ରୁତଗତି ମହାବିପତ୍ତି, ବାଇକ୍ ଧରିଲେ ହେଲ୍‌ମେଟ ଧର

ପାରଳାଖେମୁଣ୍ଡି,୩।୧ (ଗିରିଧାରୀ ପରିଛା)– ବାଇକ୍ ଧରିଲେ ହେଲ୍‌ମେଟ ଧର। ଦ୍ରୁତଗତି ମହାବିପତ୍ତି, ନିଜ ସୁରକ୍ଷା ନିଜ ହାତରେ, ଟ୍ରାଫିକ ନିୟମମାନି ଗାଡ଼ି ଚଲାନ୍ତୁ ଏଭଳି ସଚେତନତାର ବାର୍ତ୍ତା ଦେଇ ଶୁକ୍ରବାର ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ପ୍ରସନ୍ନ କୁମାର ଦାସ ଜନସାଧାରଣଙ୍କୁ ସଚେତନ କରିଛନ୍ତି। ଜାନୁଆରୀ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସଚେତନତା ସପ୍ତାହ ପାଳିତ ହେଉଛି। ଏହି ଅବସରରେ ଶୁକ୍ରବାର ଗଜପତି ଜିଲା ସଦର ମହକୁମାରେ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସବୁଜ ପତାକା ଦେଖାଇ ଆରଟିଓ ଦାସ ଏହାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ଆରଟିଓଙ୍କ କାର୍ଯ୍ୟାଳୟଠାରୁ ବାହାରି



ଶୋଭାଯାତ୍ରା ସହର ପରିକ୍ରମା କରୁଛି।

ରାଜନହର ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ହେଲ୍‌ମେଟ ବ୍ୟବହାର କରିବା, ଦ୍ରୁତ ବେଗରେ ଗାଡ଼ି ନ ଚଳାଇବା, ଟ୍ରାଫିକ ନିୟମ ମାନିବା, ସିଟ୍ ବେଲ୍ଟ ବ୍ୟବହାର କରିବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା, ଗାଡ଼ି ଚଳାଇବା ବେଳେ ମୋବାଇଲରେ କଥା ନ ହେବା ନେଇ ସଚେତନତାମୂଳକ ବାର୍ତ୍ତା ବାଣ୍ଟି ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି, ତୁଷାର ହେମ୍ବ୍ରମ, ପ୍ରଜ୍ଞା ପରମିତା ସିଂଙ୍କ ସମେତ ବିଭାଗୀୟ କର୍ମଚାରୀ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଛାତ୍ରୀଛାତ୍ର

ଦାରିଙ୍ଗବାଡ଼ି, ୩।୧ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ପଞ୍ଚାୟତ ଲାଦାମାଲା ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଧୁମ୍‌ଧାମରେ ପାଳିତ ହୋଇଛି। କାର୍ଯ୍ୟକ୍ରମକୁ ସରପଞ୍ଚ ଅମିତା ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ଗ୍ରାମର ବିଶିଷ୍ଟ ଶିଳ୍ପପତି ଜିତେନ୍ଦ୍ର କୁମାର ସାହୁ ଯୋଗ ଦେଇଥିଲେ। ରଞ୍ଜନ ଦିଗାଲ ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ରେଭେରେଣ୍ଡ ଯୋହନ ଦିଗାଲ ଯିଶୁଖ୍ରୀଷ୍ଟଙ୍କ ବାଣୀ ଶୁଣାଇ ଥିବାବେଳେ ଜଳେଶ୍ୱର ପ୍ରଧାନ ବାଇବେଲ ପଠନ ଓ ସାମୂହିକ ପ୍ରାର୍ଥନା କରିଥିଲେ। ପରେ




ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ କମିଟିର ସଭାପତି ଦେବାନନ୍ଦ ଦିଗାଲ, ସମ୍ପାଦକ ଦୁର୍ବାସା ପ୍ରଧାନ, ସରପଞ୍ଚ ପ୍ରତିନିଧି ପରମେ ପ୍ରଧାନ, ଶିକ୍ଷକ ଥୋମାସ ଦିଗାଲ, ମାନୁରାଜ ଦିଗାଲ, ଏଲିଆସ ଦିଗାଲ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଲାଦାମାଲା ଗ୍ରାମରେ ଏଭଳି ଦୀର୍ଘ ବର୍ଷ ଧରି ଶାନ୍ତି, ସଦଭାବନା, ଭାଇଚାରା ଓ ଛାତ୍ରୀଛାତ୍ର ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାକୁ ପ୍ରତିବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମ କରୁଥିବାରୁ ପ୍ରଶଂସା କରିଥିଲେ।

## ସଂକ୍ଷେପରେ

### ଭରତପତି ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ପାତ୍ରପୁର,୩।୧(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀସ୍ଥିତ ଭରତପତି ମହାବିଦ୍ୟାଳୟର ୪୧ତମ ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଜୟପ୍ରକାଶ ପାଢ଼ୀ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଯୁକ୍ତ ଦୁଇ ବିଭାଗର ମୁଖ୍ୟ ଅତିଥି ଭାବେ ସଚ୍ଚିଦାନନ୍ଦ ଦାସ ଓ ଯୁକ୍ତ ତିନି ବିଭାଗର ମୁଖ୍ୟ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ମାନସ ରଞ୍ଜନ ଆଚାର୍ଯ୍ୟ ଏବଂ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ହରିଶ୍ଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଯୁକ୍ତ ଦୁଇ ଓ ଯୁକ୍ତ ତିନି ବିଭାଗର ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣ ପତ୍ର ଓ ସିଲ୍ଡ ପ୍ରଦାନ କରାଯାଇଥିଲା। କ୍ରୀଡା ଶିକ୍ଷକ ସୁଧାକର ବିଷୋୟୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ କଲେଜର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଅନାଥ ଭଉଣୀଭାଇଙ୍କୁ ସେବାସଂସ୍ଥାନର ସହାୟତା

ଚିକିଟି,୩।୧(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟି ବ୍ଲକ ଅନ୍ତର୍ଗତ ଗୋବିନ୍ଦନଗର ଗ୍ରାମର ହରିଜନ ସାହିରେ ୨୦୨୧ କୋଭିଡରେ ଆକ୍ରାନ୍ତ ହୋଇ ନରସିଂହ ଦାସଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ସ୍ତ୍ରୀ ଶୈଳବାଳାଙ୍କ ଗତ ୧୪।୫।୨୦୨୪ରେ ମୃତ୍ୟୁ ହୋଇଥିଲା। ଉଭୟ ମା ଓ ବାପାଙ୍କ ମୃତ୍ୟୁ ପରେ ତାଙ୍କର ଥିବା ୩ ବର୍ଷର ଝିଅ ଓ ୮ ବର୍ଷର ପୁଅ ଅନାଥ ହୋଇଯାଇଥିଲେ। ଉଭୟ ଭଉଣୀଭାଇଙ୍କ ଲାଳନପାଳନ ଜେଜେ ବାପାଙ୍କ ଉପରେ ପଡିଥିଲା। ଏହି ଖବର ଜଣାପଡିବା ପରେ ଚିକିଟି ସେବାସଂସ୍ଥାନ ପକ୍ଷରୁ ଏହି ଅନାଥ ଭଉଣୀଭାଇଙ୍କୁ ସହାୟତା ପ୍ରଦାନ କରାଯାଇଛି। ଗୁରୁବାର ସେବାସଂସ୍ଥାନ ଉପଦେଷ୍ଟା ହୃଷିକେଶ ପଣ୍ଡା, ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଦୁର୍ଗାପ୍ରସାଦ ସୁବୁଦ୍ଧି, ସୁଶାନ୍ତ ପଟ୍ଟନାୟକ, ସନ୍ତୋଷ ସାହୁ ଓ ଅନ୍ୟମାନେ ପହଞ୍ଚି ୫ ହଜାର ଟଙ୍କା, ଚାଉଳ ପ୍ୟାକେଟ, ଶୀତବସ୍ତ୍ର, ପୋଷାକ, ସ୍କୁଲବ୍ୟାଗ, ପାଠ୍ୟୋପକରଣ ଏହି ଭଉଣୀଭାଇଙ୍କୁ ପ୍ରଦାନ କରିଛନ୍ତି। ସେବାସଂସ୍ଥାନର ଏଭଳି ସହାୟତାକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି।

### ଧରାକୋଟରେ ଧାନମଣ୍ଡି ଉଦ୍‌ଘାଟିତ

ଧରାକୋଟ,୩।୧ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ପଞ୍ଚାୟତ ଅନ୍ତର୍ଗତ ଜାନବିଲିଠାରେ ଥିବା ଗୋଦାମ ପରିସରରେ ବ୍ଲକସ୍ତରୀୟ ପ୍ରଥମ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ତହସିଲଦାର ଲମ୍ବୋଦର ମାରାଣ୍ଡି ଶୁଭାରମ୍ଭ କରିଥିବା ବେଳେ ଅତିଥି ଭାବେ ଆସିକା ଉପ ସହକାରୀ ନିବନ୍ଧକ ନୃସିଂହ ନାଥ ପଣ୍ଡା, ଧରାକୋଟ ସମବାୟ ବ୍ୟାଙ୍କ ପରିଚାଳକ ସୁଜାତା ତ୍ରିପାଠୀ, ଯୋଗାଣ ନିରୀକ୍ଷକ ସଞ୍ଜୟ ମଲିକ, ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ବେହେରା, ନୋଡାଲ ଅଧିକାରୀ ଅନୀଲ ବେହେରା, ରାଜସ୍ୱ ନିରୀକ୍ଷକ ମନୋଜ ମାଝି, ରବୀନ୍ଦ୍ର ଗୌଡ଼ଙ୍କ ସମେତ ସମସ୍ତ ସେବା ସମବାୟ ସଭାପତି ଉପସ୍ଥିତ ଥିଲେ।

### ଶଶିଭୂଷଣ ରଥଙ୍କ ଜୟନ୍ତୀ

ସୋରଡ଼ା,୩।୧ ( ରଜନୀକାନ୍ତ ମହାପାତ୍ର)

ଓଡିଶା ସାହିତ୍ୟ ଏକାଡେମୀ ଓ ସୋରଡ଼ା ଶଶିଭୂଷଣ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ସୋରଡ଼ାସ୍ଥିତ ଗାନ୍ଧୀସ୍ମୃତି ଭବନଠାରେ ଶଶିଭୂଷଣ ରଥଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ କରାଯାଇଛି। ସୋରଡ଼ା ଏନ୍‌ଏସି ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସୋରଡ଼ା ରାଜା ଦେବ ଦତ୍ତ ସିଂ ଦେଓ, ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଶିବ ପ୍ରସାଦ ଅଧିକାରୀ ଓ ଐତିହାସିକ ଅନନ୍ତ ରାମ କୌଣ୍ଡିନ୍ୟ ପ୍ରମୁଖ ଅନ୍ୟତମ ଅତିଥି ରୂପେ ମଞ୍ଚାସୀନ ଥିଲେ। ଶଶୀ ଭୂଷଣ ସାହିତ୍ୟ ସଂସଦ ସଦସ୍ୟମାନେ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ। ସୋରଡ଼ାରେ ଜନ୍ମିତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଦୈନିକ ଆଶାର ପ୍ରତିଷ୍ଠାତା, ଉତ୍କଳ ପ୍ରଦେଶ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଶଶିଭୂଷଣ ରଥଙ୍କ ଜନ୍ମ ଦିନ ସୋରଡ଼ାରେ ପାଳନ କରାଯାଇଛି। ନୂତନ ବର୍ଷରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ରାଷ୍ଟ୍ରୀୟ ଶୋକ ପାଳନ ହେଉଥିବା ଯୋଗୁ ଜୟନ୍ତୀ ଦିବସ ଗୁରୁବାର ପାଳନ କରାଯାଇଛି।

# ପାରମ୍ପରିକ କାରୁକାର୍ଯ୍ୟର ପର୍ଯ୍ୟଟନସ୍ଥଳ ହେବ ମାମୁଡିହ

ଆସିକା,୩।୧(ସୁରେନ୍ଦ୍ର ନାଥ ସାହୁ): ଆସିକା ବ୍ଲକ ଦେବଭୂମି ପଞ୍ଚାୟତ ଅନ୍ତର୍ଗତ ମାମୁଡିହ ଗ୍ରାମରେ ପାରମ୍ପରିକ କଂସା ପିତ୍ତଳ ବାସନକୁସନ ଓ ବିଭିନ୍ନ କାରୁକାର୍ଯ୍ୟ ପୂର୍ଣ୍ଣ ସାମଗ୍ରୀ ତିଆରି ଲାଗି ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏହି ଗ୍ରାମର ଶତାଧିକ ପରିବାର ପୁରୁଷାନୁକ୍ରମେ ଏହି ପେସାକୁ ଆପଣାଇ ପରିବାର ପୋଷଣ କରିଆସୁଛନ୍ତି। ଏହି ପରିବାରର ସାମଗ୍ରୀକ ବିକାଶ ସହ ମାମୁଡିହକୁ ଏକ ସ୍ୱତନ୍ତ୍ର କାରୁକାର୍ଯ୍ୟ ପର୍ଯ୍ୟଟନସ୍ଥଳରେ ପରିଣତ କରିବା ଲାଗି ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ଶୁକ୍ରବାର ମାମୁଡିହଠାରେ ଗ୍ରାମର କାରିଗରଙ୍କୁ ନେଇ ଏକ ବୈଠକ ବସିଥିଲା। ଆସିକା ତହସିଲଦାର



ବୈଠକରେ ମଞ୍ଚାସୀନ ଅତିଥି।

ସଙ୍ଗୀତା ସେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭଞ୍ଜନଗର ଉପଜିଲାପାଳ ଅନିଲ କୁମାର ସେଠୀ, ଅତିରିକ୍ତ ଉପଜିଲାପାଳ ବିଶ୍ୱରଞ୍ଜନ କହଁର, ପୂର୍ବତନ ସମିତିସଭ୍ୟ ସନ୍ତୋଷ କୁମାର ନାୟକ, ରାଜସ୍ୱ ସୁପରଭାଇଜର ବିଶ୍ୱନାଥ ଲେଙ୍କା, ରାଜସ୍ୱ ନିରୀକ୍ଷକ ବିଷ୍ଣୁପ୍ରିୟା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ କଂସା ପିତ୍ତଳ କାରିଗରଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଗ୍ରାମର କୌଳିକ ପେଶାଧାରୀଙ୍କ ଲାଗି ରହିଥିବା ପୁଞ୍ଜି ନିବେଶ ଓ ସେମାନଙ୍କ ପ୍ରସ୍ତୁତ ସାମଗ୍ରିର ବିକ୍ରି ଲାଗି ବଜାର ସୃଷ୍ଟି ଉପରେ ଧ୍ୟାନ ଦେବା ସହ ଗ୍ରାମର ସାମଗ୍ରିକ ବିକାଶ କରି ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରିବାକୁ ଉଦ୍ୟମ ହୋଇଥିବା ଉପଜିଲାପାଳ ସେଠୀ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ପୁରୁଷ ପୁରୁଷ ଧରି ଏହି ଗ୍ରାମର କାରିଗରମାନେ ଛୋଟ ବଡ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ କିସମର ନିତ୍ୟ ବ୍ୟବହାର୍ଯ୍ୟ କଂସା ସାମଗ୍ରୀ ବାସନ ଠାରୁ ଆରମ୍ଭ କରି ବିଭିନ୍ନ ମନ୍ଦିରରେ ବ୍ୟବହୃତ ଘଣ୍ଟ, ଘଣ୍ଟି, ମୂର୍ତ୍ତି, ବିଭିନ୍ନ କାରୁକାର୍ଯ୍ୟ ସମ୍ପନ୍ନ ପୁରସ୍କାର ସାମଗ୍ରୀ ଆଦି ପ୍ରସ୍ତୁତ କରି ଆସୁଛନ୍ତି।

# ହତ୍ୟା ଉଦ୍ୟମ ଘଟଣା: ବାପ,ପୁଅ ସମେତ ୩ ଗଲେ ଜେଲ

ଦିଗପହଣ୍ଡି,୩।୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଓଡ଼ାସିଙ୍ଗି ଗ୍ରାମର ଶ୍ରୀଗୋପୀନାଥ ପାଣି ପଞ୍ଚାୟତ କମିଟି ସଭାପତି ଏସ୍. ସହଦେବ ରେଡ୍ଡୀଙ୍କୁ ପୂର୍ବ ଶତ୍ରୁତାକୁ ନେଇ ଗୁରୁବାର ଅପରାହ୍ନ ସାଢେ ୨ ଟାରେ ହତ୍ୟା ଉଦ୍ୟମ କରାଯାଇଥିଲା। ସହଦେବ ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ଆଇଆଇସି ପ୍ରଶାନ୍ତ ପାତ୍ର ମାମଲା ନଂ.୨/୨୫ ଅନୁଯାୟୀ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିଲେ। ଶୁକ୍ରବାର ଘଟଣାରେ ଅଭିଯୁକ୍ତ ଥିବା ଝାଟିପିଟିଆ ଗ୍ରାମର ରାମଚନ୍ଦ୍ର ପାତ୍ରଙ୍କ ସମେତ ତାଙ୍କ ପୁଅ ଶୁଭମ ଏବଂ ସୁରେନ୍ଦ୍ର ମଲ୍ଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତମାନଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଯାଇଛି। ସୂଚନାଯୋଗ୍ୟ, ସହଦେବ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତମାନେ ତାଙ୍କ ବାଇକ୍‌କୁ ଅଟକାଇ ଥିଲେ। ପରେ ସେମାନେ ଜିତୁ ଯୁବକ କେଉଁଠାରେ ଅଛି ବୋଲି ତାଙ୍କୁ ପଚାରିଥିଲେ। ସେ ଜାଣି ନ ଥିବା କହିବାରୁ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଆହତ ସହଦେବଙ୍କୁ ସ୍ଥାନୀୟ ଲୋକେ ଓ କଇଠଡ଼ା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଦେବହରି ଗୌଡ଼ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସହଦେବ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ।

# ଧାନମଣ୍ଡି ଶୁଭାରମ୍ଭ କଲେ ତହସିଲଦାର

ଦିଗପହଣ୍ଡି,୩।୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ଶୁକ୍ରବାରଠାରୁ ଦିଗପହଣ୍ଡି ବ୍ଲକରେ ଧାନମଣ୍ଡି ଖୋଲାଯାଇଛି। ଆଙ୍କୋରଡା ପଞ୍ଚାୟତର ଯୋଗେଶ୍ୱରୀ ପ୍ରାଥମିକ ସେବା ସମବାୟ ସମିତି ମାଧ୍ୟମରେ ମଣ୍ଡିରେ ଚାଷୀଙ୍କ ଅମଳ ଧାନ କ୍ରୟ କରାଯିବ। ତହସିଲଦାର ଅନିତା କୁମାରୀ ସାହୁ ଅତିଥି ଭାବେ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ଯୋଗାଣ ନିରୀକ୍ଷକ ବ୍ରଜେଶ୍ୱର ରାୟ ଓ ସମବାୟ ସମିତି ଭାରପ୍ରାପ୍ତ ସମ୍ପାଦକ କମଳାକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଡ଼ିଓ ଡ. ଚିତ୍ତରଞ୍ଜନ ଦାସ, ଅତିରିକ୍ତ ତହସିଲଦାର ଆଶିଷ ନାୟକ, ସରପଞ୍ଚ ପ୍ରତିନିଧି ଶିଶିର ପ୍ରଧାନ, ସମବାୟ ସମିତି ସଭାପତି ରାମନାଥ ବିଷୋୟୀ, ନିରାକାର ପ୍ରଧାନ, ସହ ସମ୍ପାଦକ ଏସ୍. କଂସ ଦୋରା, ପୂର୍ବତନ ସମ୍ପାଦକ କେ.ତାରକେଶ୍ୱର ଦୋରା, ଆରଏମ୍‌ସି କ୍ଷେତ୍ର ଅଧିକାରୀ ସଂଗ୍ରାମଜିତ ପାଳ, ମିଲର ଗୌରାଙ୍ଗ ସାହୁ, ଉଦୟନାଥ ରାଜୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଥିଲେ। ଏହି ପରିପ୍ରେକ୍ଷୀରେ ଚଳିତ ୨୦୨୪-୨୫ ପାଇଁ ମଣ୍ଡିରେ ଏଫ୍‌ଏକ୍ୟୁ ଧାନର ଦର କୁଇଣ୍ଟାଲ ପ୍ରତି ୩୧ ଶହ ଟଙ୍କା ରହିଛି। ମିଲର ୨ ଲକ୍ଷ ୪୧ ହଜାର ୪୯୩ କୁଇଣ୍ଟାଲ ଧାନ କ୍ରୟ ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ଚଳିତବର୍ଷ ସେବା ସମବାୟ ସମିତିଗୁଡ଼ିକ ୨ ଲକ୍ଷ ୯୪ ହଜାର ୨୨୭ କୁଇଣ୍ଟାଲ ଧାନ ଚାଷୀଙ୍କଠାରୁ କିଣିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଚାଷୀଙ୍କୁ ଅବଗତ କରାଯାଇଥିଲା। ସୂଚନାଯୋଗ୍ୟ, ଚଳିତ ଖରିଫ ଋତୁରେ ୯୬୧୮ ଚାଷୀ ମଣ୍ଡି ଜରିଆରେ ଧାନ ବିକ୍ରି କରିବାକୁ ସେବା ସମିତିଗୁଡିକରେ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ୨ ଲକ୍ଷ ୭୫ ହଜାର କୁଇଣ୍ଟାଲ ଧାନ ଯୋଗାଣ ବିଭାଗ ଦ୍ୱାରା କ୍ରୟ ହୋଇଥିଲା। ଏହି ଅବସରରେ ତହସିଲଦାରଙ୍କ ଅଧ୍ୟକ୍ଷତାରେ ମିଲର, ପାକ୍ସ ସମ୍ପାଦକ ଓ ଯୋଗାଣ ନିରୀକ୍ଷକଙ୍କ ଚାଷୀଙ୍କଠାରୁ ଧାନ କ୍ରୟ ସମ୍ପର୍କରେ ଏକ ବୈଠକ ହୋଇଥିଲା।

### ଦେଶର ଉନ୍ନତି ପାଇଁ ସମସ୍ତେ ସଚ୍ଚୋଟ ହେବାକୁ ପରାମର୍ଶ

ଫୁଲବାଣୀ,୩।୧(ରାକେଶ କୁମାର ରାଉତ) ଜଳସମ୍ପଦ ବିଭାଗ ପକ୍ଷରୁ ଜିଲା ନୋଡାଲ ଅଧିକାରୀ ତଥା ଅଧୀକ୍ଷଣ ଯନ୍ତ୍ରୀ ମନୋରଞ୍ଜନ ହାଁସଦାଙ୍କ ସଭାପତିତ୍ୱରେ ପଞ୍ଚାୟତ ଭବନରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ କୁମାର ପ୍ରଧାନ ଯୋଗଦେଇ ଦେଶର ଉନ୍ନତି ପାଇଁ ରାଜନେତା, ସରକାରୀ କର୍ମଚାରୀ, ସାଧାରଣ ଜନତା ସଚ୍ଚୋଟ ହେବାକୁ ପରାମର୍ଶ ଦେଇଥିଲେ। କନ୍ଧମାଳ ଜିଲା ଏକ ପାହାଡ ପର୍ବତ ଘେରା ଅଞ୍ଚଳ। ସବୁ ଜାଗାକୁ କେନାଲ ଯାଇପାରିବ ନାହିଁ। ଯେଉଁ ଜାଗା ଜଳସେଚନ ଉପଯୋଗୀ ତାହାର ସୁବନ୍ଦୋବସ୍ତ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ, ଜିଲା ମୁଖ୍ୟ କୃଷି ଅଧିକାରୀ ସୀତାକାନ୍ତ ରାଉତ ଯୋଗଦେଇ ଚାଷୀମାନଙ୍କୁ ଜଳସେଚନର ଉପକାରିତା ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉପବିଭାଗ ଅଧିକାରୀ ଗୋଲକ ବିହାରୀ ସାହାଣୀ ସଭା ପରିଚାଳନା କରିଥିଲେ। ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସଞ୍ଜୀବ ପଟେଲ, ଉଦ୍ୟାନ କୃଷି ଅତିରିକ୍ତ ଉପ ନିର୍ଦ୍ଦେଶକ ବିନୋଦ ଜେନା, ଓଠା ଜଳସେଚନ ନିର୍ବାହୀ ଯନ୍ତ୍ରୀ ରଞ୍ଜନ ମହାପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଚାଷୀଙ୍କ କ୍ଷତିଭରଣା ଦାବି

କବିସୂର୍ଯ୍ୟନଗର,୩।୧(କୃପାସିନ୍ଧୁ ସ୍ୱାଇଁ)

ପ୍ରାକୃତିକ ବିପର୍ଯ୍ୟୟ ହେତୁ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାର କ୍ଷତିପୂରଣ ଦେବାପାଇଁ ଶୁକ୍ରବାର ଚାଷୀ ସଂଘ ସଭାପତି ଇ. ମାହେଶ୍ୱରୀ ଦୋରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚାଷୀମାନେ ଦାବି କରିଛନ୍ତି। କବିସୂର୍ଯ୍ୟନଗର ଗଙ୍ଗାପୁର କଂଗ୍ରେସ ପ୍ରଧାନଙ୍କ ଫାର୍ମ ହାଉସଠାରେ କବିସୂର୍ଯ୍ୟନଗର ଚାଷୀମାନଙ୍କ ଏକ ବୈଠକ ହୋଇଥିଲା। ବୀମା କମ୍ପାନୀ ପାଣିରେ ଲୋଟିପଡ଼ିଥିବା ଧାନଗଛର କ୍ଷତି ଦେବାପାଇଁ ଘୋଷଣା କରିଛି। ତେବେ ପାଣିରୁ ଛାଣି ଆଣୁଥିବା ଧାନ, ପାଣିରେ ଠିଆ ହୋଇଥିବା ଧାନ ଜମିର ଚାଷୀ ଏଥିରୁ ବଞ୍ଚିତ ହେବେ। ଦ୍ୱିତୀୟରେ କ୍ଷତିଗ୍ରସ୍ତ ଜଳସେଚିତ ଜମିକୁ ହେକ୍ଟର ପିଛା ୧୭ହଜାର ଟଙ୍କା, ଅଣଜଳସେଚିତ ଜମିକୁ ହେକ୍ଟର ପିଛା ୮୫୦୦ ଟଙ୍କା, ବର୍ଷାଧାର ଲାଗି ୧ହଜାର ଟଙ୍କା ଓ ଜଳସେଚିତ ପାଇଁ ୨ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ଏଭଳି ବୀମା କମ୍ପାନୀର ସର୍ତ୍ତ ଓ ସରକାରଙ୍କ ସହାୟତାକୁ ଚାଷୀ ସଂଘ ନାପସନ୍ଦ କରିଛନ୍ତି। ବୀମା କମ୍ପାନୀ ସର୍ତ୍ତ ବଦଳାଇବା ସହ କ୍ଷତିଗ୍ରସ୍ତ ଚାଷୀଙ୍କ ଫସଲ ବୀମା ପ୍ରଦାନ କରନ୍ତୁ। ସରକାର ନିର୍ଣ୍ଣୟ ପ୍ରିମିୟମ ଫେରସ୍ତ ନିଅନ୍ତୁ ଓ ସହାୟତା ରାଶି ବୃଦ୍ଧି କରିବାକୁ ଦାବି ହୋଇଛି।

# ଖୋଲିଲା ମଣ୍ଡି, ଆରମ୍ଭ ହେଲା ଧାନକିଣା



ଫୁଲବାଣୀ/ବାଲିଗୁଡ଼ା,୩।୧
(ରାକେଶ କୁମାର ରାଉତ/ସଞ୍ଜୟ ପାଣିଗ୍ରାହୀ)

କନ୍ଧମାଳରେ ଶୁକ୍ରବାର ଧାନମଣ୍ଡି ଖୋଲିଛି । ବାଲିଗୁଡ଼ା ବ୍ଲକ ଲଣ୍ଡାଗାଁଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ମଣ୍ଡିର ଶୁଭାରମ୍ଭ କରିଛନ୍ତି। ପ୍ରଥମେ ଡିସେମ୍ବର ୧୦ରେ ମଣ୍ଡି ଖୋଲିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଧାନକଟାରେ ବିଳମ୍ବ ଯୋଗୁ ଏହାକୁ ୨୪କୁ ଘୁଞ୍ଚାଯାଇଥିଲା। ଲଘୁଚାପଜନିତ ବର୍ଷା ଯୋଗୁ ଏହା ପୁଣିଥରେ ସ୍ଥଗିତ ରହିଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମବାୟ ସମିତି ଉପନିବନ୍ଧକ ତୃପ୍ତି କଲ୍ୟାଣ ସେଠୀ, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀ, ବାଲିଗୁଡ଼ା ସହକାରୀ ସମବାୟ ନିବନ୍ଧକ ସୁକାନ୍ତ ପାଢ଼ୀ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସଞ୍ଜୟ ପଟ୍ଟନାୟକଙ୍କ ସମେତ ଲ୍ୟାମ୍ପସର କର୍ମକର୍ତ୍ତା ଓ ଅଧିକାରୀମାନେ ଉପସ୍ଥିତ ଥିଲେ। ଲଣ୍ଡାଗାଁଠାରେ ୫୦ରୁ ଅଧିକ ଚାଷୀ ଧାନ ବିକ୍ରି କରିଛନ୍ତି। ରାଇକିଆର ଇନ୍ଦ୍ରଗଡ ଓ ତୁମୁଡିବନ୍ଧଠାରେ ମଧ୍ୟ ମଣ୍ଡି ଖୋଲିଛି। ଇନ୍ଦ୍ରଗଡ଼ଠାରେ ସମବାୟ ଅଧିକାରୀ ଗଙ୍ଗାଧର କହଁର ଓ ଲ୍ୟାମ୍ପସ ସମ୍ପାଦକ ଶ୍ୟାମଳ ବେହେରା ଉପସ୍ଥିତ ଥିଲେ।

# ବ୍ଲକ, ଏନ୍‌ଏସିରେ ଖୋଲିଲା ଧାନମଣ୍ଡି

ଆସିକା,୩।୧(ସୁରେନ୍ଦ୍ର ନାଥ ସାହୁ):

ଆସିକା ବ୍ଲକର ଖାରିଆ ପଞ୍ଚାୟତ ଅନ୍ତର୍ଗତ ଘଟକୁରୀ ସେବା ସମବାୟ ସମିତିରେ ଏବଂ ଆସିକା ଏନ୍‌ଏସିର ହରିହରନଗରସ୍ଥିତ ପାର୍ବତୀ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଶୁକ୍ରବାର ଧାନମଣ୍ଡି ଖୋଲାଯାଇଛି । ଆସିକା ବିଧାୟକ ସରୋଜ କୁମାର ପାଢୀ ଉଭୟ ସ୍ଥାନରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭଞ୍ଜନଗର ଉପଜିଲାପାଳ ଅନିଲ କୁମାର ସେଠୀ, ଅତିରିକ୍ତ ଉପଜିଲାପାଳ ବିଶ୍ୱରଞ୍ଜନ କହଁର, ମଣ୍ଡିର ନୋଡାଲ ଅଧିକାରୀ ତଥା ଆସିକା ତହସିଲଦାର ସଙ୍ଗୀତା ସେନ, ଭାରପ୍ରାପ୍ତ ବିଡିଓ



ଘଟକୁରୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ସାଗରିକା ଷଡଙ୍ଗୀ, ଏନଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ଆତ୍ମା ଅଧ୍ୟକ୍ଷ ବିଜୟ ସ୍ୱାଇଁ, ସାମାଜିକ କର୍ମୀ ଭଗବାନ ସାହୁ, ସତ୍ୟନାରାୟଣ ସ୍ୱାଇଁ, କୃଷି ଅଧିକାରୀ ବାସୁଦେବ ସାହୁ, ଯୋଗାଣ ନିରିକ୍ଷିକା ଶର୍ମିଷ୍ଠା ଦଳବେହେରା ଏବଂ ସେବା ସମବାୟ ସମିତିର ସଭାପତି ଯୋଗେନ୍ଦ୍ର ନାୟକ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ପୁଷ୍ପାଞ୍ଜଳି ପାତ୍ର ପ୍ରମୁଖ ସାମିଲ ଥିଲେ । ଆସିକା ବ୍ଲକ ଓ ଏନଏସିରେ ଚାଷୀଙ୍କ ଠାରୁ ଧାନ କିଣିବା ଲାଗି ୧୪ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ୧୮ଟି ସେବା ସମବାୟ ସମିତିରେ ଏହି ମଣ୍ଡି ସ୍ଥାପନ ଲାଗି ବ୍ୟବସ୍ଥା କରାଯାଇଛି।

# ଭଞ୍ଜନଗରକୁ ହରାଇ ଗୁମ୍ମା ବିଜୟୀ

ଦିଗପହଣ୍ଡି,୩।୧(ଅଶେଷ ନାଥ ମିଶ୍ର)

**ପ୍ରଦୀପ୍ତ ମେମୋରିଆଲ ଭଲିବଲ**

ଦିଗପହଣ୍ଡି ବଡଖେମୁଣ୍ଡି ହାଇସ୍କୁଲ ଖେଳପଡିଆରେ ଖେମୁଣ୍ଡି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପ୍ରଦୀପ୍ତ ପଟ୍ଟନାୟକ ମେମୋରିଆଲ ଭଲିବଲ ଟୁର୍ନାମେଣ୍ଟର ଲିଗ୍ ପର୍ଯ୍ୟାୟ ଶେଷ ହୋଇଛି। ଭଞ୍ଜନଗରକୁ ହରାଇ ଗୁମ୍ମା ବିଜୟୀ ହୋଇଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚ ଗଜପତି ଜିଲା ଗୁମ୍ମା ଗ୍ରାମ ଭଲିବଲ ଟିମ୍ ସହ ଭଞ୍ଜନଗରର ରୟାଲ ସିକ୍ସ ମଧ୍ୟରେ ହୋଇଥିଲା। ଏଥିରେ ଗୁମ୍ମା ଟିମ୍ ୨-୦ ସେଟ୍‌ରେ ବିଜୟୀ ହୋଇଥିଲା। ମ୍ୟାଚ ଆରମ୍ଭରେ ସାମାଜିକ କର୍ମୀ ଇଂ. ଉତ୍ତମ ପାଣିଗ୍ରାହୀ ଯୋଗଦେଇ ସ୍ୱର୍ଗତ ପ୍ରଦୀପ୍ତଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଉଭୟ ଦଳର ଖେଳାଳିଙ୍କୁ ଭାଇଚାରା ମନୋଭାବ ରଖି ଖେଳିବାକୁ ପରାମର୍ଶ ଦେଇଥିଲେ। ଗୋବିନ୍ଦ ନାୟକ ମ୍ୟାଚ ରେଫରି ଥିବା ବେଳେ ଆୟୋଜକ କମିଟି ସଭାପତି ଶିବଶଙ୍କର ମହାଙ୍କୁଡ, ସମ୍ପାଦକ ବିଚିତ୍ରାନନ୍ଦ ପଟ୍ଟନାୟକ, କୋଷାଧ୍ୟକ୍ଷ ଦୀପକ ମିଶ୍ର, ଅର୍ଦ୍ଧୁ.ଗୋବିନ୍ଦ, ବିକାଶ ପଶୁପାଳକ, ଏ.ସାକିଲି, ବାରିକ ବେହେରା, ଲୋକନାଥ ପାଣିଗ୍ରାହୀ, କୁରେଶୁ ମହାରଣା, କେ. କୁନା ପ୍ରମୁଖ ଉପସ୍ଥିତ ଥିଲେ। ଖେଳ ଶେଷ ପର୍ଯ୍ୟାୟରେ ବ୍ୟବସାୟୀ ଭି.ପ୍ରଶାନ୍ତ ରାଜୁ ଯୋଗ ଦେଇଥିଲେ। ଖେମୁଣ୍ଡି ସ୍ପୋର୍ଟିଂ କ୍ଲବ ସଦସ୍ୟମାନେ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ଶନିବାର ବ୍ରହ୍ମପୁରର ପାୱାର ସିକ୍ସ ଓ କନ୍ଧମାଳ ଜିଲାର ବାରଖମା ଟିମ୍ ମଧ୍ୟରେ ପ୍ରଥମ ସେମି ଫାଇନାଲ ଏବଂ ରବିବାର ଗଜପତି ଜିଲା ମୋହନା ଓ ଗୁମ୍ମା ଟିମ୍ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ହେବ ବୋଲି କ୍ଲବ୍ ପକ୍ଷରୁ କୁହାଯାଇଛି।

# ବରିଷ୍ଠ ନାଗରିକ,ଶିଶୁଙ୍କ ପାଇଁ ପାର୍କ ନିର୍ମାଣ ଦାବି

ଶେରଗଡ଼,୨।୧
(ସୂର୍ଯ୍ୟ ନାରାୟଣଦାଶ)

ଶେରଗଡରେ ବହୁ ସରକାରୀ କର୍ମଚାରୀ, ବରିଷ୍ଠ ନାଗରିକ, ବହୁ ଶିକ୍ଷାନୁଷ୍ଠାନ ରହିଛି। ମାତ୍ର ଚିତ୍ତ ବିନୋଦନ ଲାଗି ଏଠାରେ ପାର୍କଟିଏ ନାହିଁ। ବ୍ଲକ କାର୍ଯ୍ୟାଳୟ ଅନେକ ପ୍ରକଳ୍ପରେ ବହୁ ଅର୍ଥ ବ୍ୟୟ କରୁଥିଲେ ମଧ୍ୟ ଏଠାରେ ପାର୍କଟିଏ ନିର୍ମାଣ ପାଇଁ ଚିନ୍ତା କରିନି। ପ୍ରଶାସନର ଅଣଦେଖା ଯୋଗୁ ଶେରଗଡରେ ଏଯାଏ ପାର୍କଟିଏ ହୋଇପାରୁ ନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଅଞ୍ଚଳରେ ପାର୍କଟିଏ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।

# ଶିକ୍ଷାନୁଷ୍ଠାନର ବାର୍ଷିକୋତ୍ସବ



ପୋଲସରା,୩।୧(ସୁବ୍ରତ ବେହେରା) ପୋଲସରା ସହରର ଲୁଣିଘାଟି ନିକଟସ୍ଥ ପ୍ରୟାଗ ପବ୍ଲିକ ସ୍କୁଲର ୨ୟ ବାର୍ଷିକ ଉତ୍ସବ ଶୁକ୍ରବାର ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷା ଯମୁନା କୁମାରୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ରୂପେ ସମାଜକ କର୍ମୀ ଜଗନ୍ନାଥ ବାଡେଇ ଯୋଗଦେଇ ଆଜିର ସମାଜରେ ଶିକ୍ଷାର ଭୂମିକା ଉପରେ ଆଲୋକପାତ କରି ଚରିତ୍ରବାନ ହୋଇ ସମାଜରେ ପ୍ରତିଷ୍ଠିତ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ସ୍କୁଲର ନିଜସ୍ୱ ଗୃହ ନିର୍ମାଣ କରିବା ପାଇଁ ୩ହଜାର ସ୍କ୍ୱାଏରଫୁଟ ଜାଗା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ପୋଲସରା ବିଜ୍ଞାନ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରମୋଦ ରଥ, ସମ୍ମାନିତ ଅତିଥି ରୂପେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାପତି ଯଦୁନାଥ ମିଶ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ଭବାନୀ ଶଙ୍କର ରଥ, ଡାକ୍ତର ସ୍ନେହାଞ୍ଜଳି ସୁବୁଦ୍ଧି, ବର୍ତ୍ତିନୀ ମହାବିଦ୍ୟାଳୟ ଅଧ୍ୟାପକ ମନୋଜ ସାହୁ, ବ୍ୟାଙ୍କ ଅଫ ଆମେରିକାର ଟିମ୍ ଲିଡର ବିକ୍ରମ ବିହାରୀ ବିଷୋୟୀ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମଞ୍ଚାସିନ ଅତିଥି ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ସାହୁ ଅତିଥି ପରିଚୟ ଦେଇଥିଲେ। ଗୁରୁମା ଓ ଗୁରୁଜୀମାନେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଅବସରପ୍ରାପ୍ତ ଯବାନ ମୋତିରାମ ସାହୁ, ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଦୁର୍ଗାପ୍ରସାଦ ବେହେରାଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା।

### ସମସ୍ୟା ସମାଧାନ ପାଇଁ ଜିଲାପାଳଙ୍କୁ ଭେଟିଲେ ଉଠା ଦୋକାନୀ

ଛତ୍ରପୁର, ୩।୧(ସନ୍ତୋଷ ପାଢ଼ୀ)

ପୁରୁଷୋତ୍ତମପୁର ବ୍ଲକ ରାଇପୁର ଓ ଗୋବିନ୍ଦପୁର ଗ୍ରାମର ପ୍ରାୟ ୯୫ ପ୍ରତିଶତ ଲୋକ ଗରିବ। ଦିନମଜୁରିଆ ଭାବେ ଜୀବନ ଅତିବାହିତ କରୁଥିବା ଏହି ଶ୍ରମଜୀବୀମାନେ ମା' ତାରାତାରିଣୀଙ୍କ ମନ୍ଦିର ପାଦଦେଶରେ ଦୋକାନ କରି ଗୁଜୁରାଣ ମେଣ୍ଟାଇଥାନ୍ତି। ତେବେ ମା'ଙ୍କ ସେବକଙ୍କ ଗୃହିଣୀମାନଙ୍କ ପାଇଁ ସ୍ଥାୟୀ ଭୋଗ ଦୋକାନ ପ୍ରଦାନ କରାଯିବା ଓ ଅନ୍ୟକୁ କରାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ମା'ଙ୍କ ମନ୍ଦିର ପାଦଦେଶରେ ବସସ୍ଟାଣ୍ଡ ନିକଟରେ ଦୋକାନ କରିଥିବା ଅନ୍ୟ ଜାତିର ଲୋକଙ୍କ ପ୍ରତି ସେବକ ସମାଜର ମହିଳା ଓ ଯୁବକମାନେ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଏହାର ପ୍ରତିବାଦରେ ଉଠା ଦୋକାନୀମାନେ ଶୁକ୍ରବାର ଜିଲାପାଳଙ୍କୁ ଭେଟିଛନ୍ତି। ବସଷ୍ଟାଣ୍ଡ ଚତୁଃପାର୍ଶ୍ୱରେ ଯେପରି ସମସ୍ତେ ଉଠାଦୋକାନ କରିପାରିବେ ଏବଂ ଶୃଙ୍ଖଳିତ ଭାବେ ନିଜ ବ୍ୟବସାୟ କରିବାର ସୁଯୋଗ ପାଇବେ ସେଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ବ୍ୟବସାୟୀମାନେ ନିବେଦନ କରିଛନ୍ତି।

# ବଟେଶ୍ୱର ପୀଠରେ ପର୍ଯ୍ୟଟକଙ୍କ ଭିଡ଼

ଗଞ୍ଜାମ,୩।୧(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ କଣ୍ଟିଆଗଡ଼ ନିକଟରେ ଥିବା ପ୍ରସିଦ୍ଧ ବଟେଶ୍ୱର ଶୈବ ପୀଠର ସ୍ୱତନ୍ତ୍ର ମାହାତ୍ମ୍ୟ ରହିଛି। ଭୁବନେଶ୍ୱର ଠାରୁ ୧୩୫ କି.ମି. ହୁମ୍ମା ଛକ ଜାତୀୟ ରାଜପଥ-୧୬ରୁ ବାମକୁ ୮ କି.ମି.ଏବଂ ବ୍ରହ୍ମପୁରଠାରୁ ୩୨ କି.ମି. ପୁଇଁତୋଳା ଛକ ଜାତୀୟ ରାଜପଥ-୧୬ ଡାହାଣକୁ ୯ କି.ମି. ଦୂରରେ କଣ୍ଟିଆଗଡ଼ ନିକଟରେ ଦକ୍ଷିଣ ଓଡ଼ିଶା ପ୍ରସିଦ୍ଧ ଏହି ବଟେଶ୍ୱର ଶୈବପୀଠ ଅବସ୍ଥିତ। ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପରିବେଶରେ ବାଲୁକା ଶଯ୍ୟାର ବହୁ ତଳେ ରହିଛି ଏହି ଅଷ୍ଟାଦଶ ଶତାବ୍ଦୀରେ ଶୈବ ପୀଠ। କିମ୍ବଦନ୍ତୀ ଅନୁଯାୟୀ ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର ଲଙ୍କା ଅଭିଯାନ ସମୟରେ ଏଠାରେ ବଟଫଳ ରଖି ପୂଜାର୍ଚ୍ଚନା କରିଥିବାରୁ ଏହି ପୀଠକୁ ବଟେଶ୍ୱର ଶୈବ ପୀଠ କୁହାଯାଏ। ଠାକୁରଙ୍କ ଦର୍ଶନ ସାଙ୍ଗକୁ ପ୍ରାକୃତିକ ସୋନ୍ଦର୍ଯ୍ୟ ଏବଂ ମନ୍ଦିରର ପୂର୍ବଦେଶରେ ଥିବା ସମୁଦ୍ରରେ ଗାଧେଇବା, ଗ୍ରାମ୍ୟ ଉଦ୍ୟାନରେ



ଖେଳିବା ମଜା ନେବା ପାଇଁ ବର୍ଷ ଯାକ ପର୍ଯ୍ୟଟକଙ୍କ ଭିଡ ଲାଗିଥାଏ। ପିକନିକ୍ ଋତୁ ନଭେମ୍ବର ଠାରୁ ଫେବୃୟାରୀ ପର୍ଯ୍ୟନ୍ତ ବଣଭୋଜି କରିବା ପାଇଁ ପର୍ଯ୍ୟଟକ ଭିଡ଼ ଲଗାନ୍ତି। ପର୍ଯ୍ୟଟକମାନଙ୍କ ପାଇଁ ଆନୁସାଙ୍ଗିକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରବେଶ ପାର୍ଶ୍ୱରେ ଯାନବାହନ ରହଣି ସ୍ଥାନ, କଲ୍ୟାଣ ମଣ୍ଡପ, ରୋଷେଇଶାଳ, ଭୋଜନ ମଣ୍ଡପ, ଶୌଚାଳୟ ଏବଂ ଅତିଥି ରହଣି ଗୃହ ନିର୍ମାଣ କରାଯାଇଛି। ୨୦୧୬-୧୮ରେ ୱାରଲ୍ଡ ବ୍ୟାଙ୍କ ଏବଂ ଓଡ଼ିଶା ସରକାରଙ୍କ ସହାୟତାରେ ଉନ୍ନତିକରଣ ନିମନ୍ତେ ମନ୍ଦିର ଚତୁର୍ଥ ପାର୍ଶ୍ୱ ଖନନ ସମୟରେ କନକଦୁର୍ଗା ମନ୍ଦିର, ସୁଦର୍ଶନ ଚକ୍ର, ଗରୁଡ଼ ସ୍ତମ୍ଭ ଆଦି ପୁରାତନ ଦେବଦେବୀଙ୍କ ପ୍ରତିମୂର୍ତ୍ତିର ଆବିର୍ଭାବ ଦେଖିବାକୁ ମିଳିଥିଲା। ମନ୍ଦିର ରକ୍ଷଣାବେକ୍ଷଣ ଦୃଷ୍ଟିରୁ ଅଧିକ ଖନନ କରାଯାଇ ନ ଥିଲା। ମନ୍ଦିର କାନ୍ଥରେ ହୋଇଥିବା କାରୁକାର୍ଯ୍ୟ ବେଶ ଆକର୍ଷଣୀୟ।

# ଅନୁମାନରେ ସୀମିତ ଫସଲ କ୍ଷତି

■ କ୍ଷତି ଆବେଦନ କରିଥିବା ଚାଷୀଙ୍କ ସଂଖ୍ୟା ଜଣାପଡୁନି
■ ୧୫ ବ୍ଲକ୍‌ରେ ମଣ୍ଡି ଖୋଲିଲା

ବ୍ରହ୍ମପୁର,୩।୧(ଅଶୋକ କୁମାର ସାହୁ)

କୃଷି ପ୍ରଧାନ ଗଞ୍ଜାମ ଜିଲାରେ ଅଦିନିଆ ବର୍ଷା ଧାନ ଫସଲକୁ କ୍ଷତି ପହଞ୍ଚାଇଛି। ବର୍ଷା ଛାଡ଼ିବାର ୧୨ ଦିନ ବିତିଲାଣି। ଏ ଯାଏ କେତେ ଫସଲ କ୍ଷତି ହୋଇଛି ସରକାରୀ ସ୍ତରରେ ତାହାର କୌଣସି ରିପୋର୍ଟ ମିଳିନ ଥିବାବେଳେ କେବଳ ଅନୁମାନରେ ଉକ୍ତ କାର୍ଯ୍ୟ ସୀମିତ ରହିଛି। ଅନ୍ୟପକ୍ଷରେ ଜିଲାରେ ଶୁକ୍ରବାର ମଣ୍ଡି ଖୋଲିଛି। ଚାଷୀ ମଣ୍ଡିରେ ଧାନ ବିକିବା ପାଇଁ ବ୍ୟଗ୍ର ହୋଇପଡିଥିବାବେଳେ ସବୁ ବ୍ଲକରେ ମଣ୍ଡି ଖୋଲାଯାଇ ପାରିନାହିଁ। ୧୫ ବ୍ଲକରେ ମଣ୍ଡି ଖୋଲିଛି। ଚଳିତବର୍ଷ ଜିଲାର ଅଧିକାଂଶ ବ୍ଲକରେ ଅଦିନିଆ ବର୍ଷାରେ ଫସଲ ନଷ୍ଟ ହୋଇଛି। କିନ୍ତୁ ଏଯାଏଁ କୃଷି ବିଭାଗ ପକ୍ଷରୁ ଅନୁମାନରେ ଫସଲ କ୍ଷତି ରିପୋର୍ଟ ଜିଲା ପ୍ରଶାସନ ନିକଟରେ ପହଞ୍ଚିଛି। ପ୍ରାୟ ୬୦ ହଜାର ହେକ୍ଟର ଜମିର ଫସଲ କ୍ଷତି ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। କିନ୍ତୁ ଏହି ପରିମାଣ କମିପାରେ। ଠିକ ଯାଞ୍ଚ ପରେ ଏହା ଜଣାପଡିବ ବୋଲି ଜିଲା ପ୍ରଶାସନର ଜରୁରୀକାଳୀନ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଅନ୍ୟପଟେ ଫସଲ କ୍ଷତି ପାଇଁ ଜାନୁଆରୀ ୧ ଆବେଦନ ତାରିଖ ଥିବାବେଳେ ଏ ଯାଏ ଠିକ ତଥ୍ୟ ପହଞ୍ଚି ନ ଥିବା କୁହାଯାଇଛି। ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଚଳିତବର୍ଷ ୧ ଲକ୍ଷ ୪୬ ହଜାର ୫୦୪ ଚାଷୀ ପଞ୍ଜୀକରଣ ପାଇଁ ଆବେଦନ କରିଥିଲେ। ରାଜସ୍ୱ ଓ କୃଷି ବିଭାଗ ପକ୍ଷରୁ ଯାଞ୍ଚ ପରେ ଏହି ସଂଖ୍ୟା ୧ ଲକ୍ଷ ୪୩ ହଜାର ୭୪୧ରେ ପହଞ୍ଚିଛି। ଉକ୍ତ ଚାଷୀମାନେ ଧାନ ବିକିବେ। ତେବେ ଏମାନଙ୍କୁ ୧ ଲକ୍ଷ ୫୯ ହଜାର ୨୭୬ଟି ଟୋକନ ଦିଆଯାଇଛି। ଜଣେ ଚାଷୀ ଗୋଟିଏ ଟୋକନରେ ୭୫ କୁଇଣ୍ଟାଲ ଧାନ ବିକି ପାରିବେ ବୋଲି ସରକାରୀ ସ୍ତରରେ ନିର୍ଦ୍ଧାରଣ କରାଯାଇଛି। ଯଦି ସମ୍ପୃକ୍ତ ଚାଷୀଙ୍କ ଅଧିକ ଧାନ ଅମଳ ହୋଇଥିବ ତେବେ ତାଙ୍କୁ ସେହି ହିସାବରେ ଟୋକନ ସମବାୟ ସମିତିଗୁଡିକ ପକ୍ଷରୁ ପ୍ରଦାନ କରାଯାଇଛି। ଜିଲାରେ ୪୮୩ ମଣ୍ଡି ଖୋଲିଛି। ଏହି ମଣ୍ଡିରେ ସିଧାସଳଖ ଚାଷୀ ଧାନ ଦେବେ। ସେହି ଧାନ ଯାଞ୍ଚ ହେବା ପରେ ସମବାୟ ସମିତି ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକ ଏହି ଧାନ କିଣିବେ। ଚାଷୀଙ୍କୁ ଧାନ କିଣାଗଲା ବୋଲି ଏକ ପ୍ରାମାଣିକ ପତ୍ର ଦିଆଯିବ। ସମବାୟ ସମିତି ଓ ମହିଳା ଗୋଷ୍ଠୀଗୁଡିକ ଯେତିକି ଧାନ କିଣିଥିବେ ସେମାନେ ମିଲରଙ୍କୁ ବିକିବେ। ଜିଲାରେ ୩୬୧ ମିଲରଙ୍କୁ ଧାନ କିଣିବାକୁ ଅନୁମତି ଦିଆଯାଇଛି। ରଙ୍ଗେଇଲୁଣ୍ଡା ବ୍ଲକର ଦାଶପୁର ଗ୍ରାମରେ ହୋଇଥିବା ମଣ୍ଡିକୁ ଜିଲା ପ୍ରଶାସନ ତରଫରୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇ ୨ଜଣ ଚାଷୀଙ୍କଠାରୁ ୯୯.୨୫ କୁଇଣ୍ଟାଲ ଧାନ କିଣାଯାଇଥିବା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ଧାନର ସରକାରୀ ମୂଲ୍ୟ ୨୩୦୦ ଟଙ୍କା ଥିବାବେଳେ ୮୦୦ ଟଙ୍କା ଇନପୁଟ ସହାୟତା ଆକାରରେ ଦିଆଯାଉଛି। ଏଫଏକ୍ୟୁ ମାନର ଧାନର ମୂଲ୍ୟ ୨୩୦୦ ଟଙ୍କା ଥିବାବେଳେ ଗ୍ରେଡ-୧ ଧାନ କୁଇଣ୍ଟାଲ ପିଛା ୨୩୨୦ ଟଙ୍କା ସରକାରୀ ଦର ରହିଛି। ବର୍ତ୍ତମାନ ସୁଦ୍ଧା ବେଗୁନିଆପଡା, ବେଲଗୁଣ୍ଠା, ଛତ୍ରପୁର, ଗଞ୍ଜାମ, ପୋଲସରା, ଖଲ୍ଲିକୋଟ, ସୋରଡାରେ ମଣ୍ଡି ଖୋଲିନାହିଁ। ଧାନ କିଣାର ସ୍ୱଚ୍ଛତା ନେଇ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ସୁରେନ୍ଦ୍ର କୁମାର ବାଘଙ୍କୁ ପଚାରିବାରୁ ସେ କହିଲେ, ପ୍ରତ୍ୟେକ ମଣ୍ଡିରେ ସିସି କ୍ୟାମେରା ଲାଗିଛି। ସରକାରୀ ନିୟମ ଅନୁସାରେ ଧାନ କିଣାଯାଉଛି। ଚାଷୀଙ୍କୁ ହତୋତ୍ସାହିତ କଲାଭଳି କୌଣସି କାମ କରାଯାଇପାରିବ ନାହିଁ। ଯେଉଁ ଚାଷୀମାନେ ଧାନ ବିକିଥିବେ ସେମାନଙ୍କ ଆକାଉଣ୍ଟକୁ ଧାନର ପ୍ରାପ୍ୟ ପଠାଇ ଦିଆଯିବ। ଏଥିରେ କୌଣସି ପ୍ରକାର ଅନିୟମିତତା ହେଉଥିବା ଅଭିଯୋଗ ଆସିଲେ ତାହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କ ସୁନାଚେନ୍ ଝାମ୍ପିନେଲେ

ବ୍ରହ୍ମପୁର,୩।୧(ସୁବାସ ଚନ୍ଦ୍ର ପାଢ଼ୀ)

ପରମଜ୍ୟୋତି ହଲ ନିକଟରୁ ଜଣେ ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇଛନ୍ତି ଲୁଟେରା ଗ୍ୟାଙ୍ଗ। ୨ ଦୁର୍ବୃତ୍ତ ଏକ ବାଇକରେ ଆସି ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପିନେବା ପରେ ଚମ୍ପଟ ମାରିଛନ୍ତି । ଏ ନେଇ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ନଂ.୩/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗାନ୍ଧୀନଗର ୩ୟ ଲାଇନ ସଂପ୍ରସାରଣ ଗଳିରେ ରହୁଥିବା କେ. ଲକ୍ଷ୍ମୀ ଗୁରୁବାର ରାତି ୧୦ଟା ବେଳେ ପରମଜ୍ୟୋତି ହଲ ନିକଟ ରାସ୍ତା ଦେଇ ଚାଲି ଚାଲି ଯାଉଥିଲେ। ଏହି ସମୟରେ ୨ ଦୁର୍ବୃତ୍ତ ଏକ ବାଇକରେ ତାଙ୍କୁ ଧକ୍କା ଦେବା ସହ ତାଙ୍କ ବେକରୁ ୨ ଭରି ଓଜନର ସୁନା ଚେନ ଝାମ୍ପି ନେଇଥିେ। ସେଠାରେ ସେ ଚିତ୍କାର କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ପରେ ଘଟଣାକୁ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ତଦନ୍ତ କରିଥିଲା । ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରୁଛି।

## ଗଞ୍ଜାମ ଜିଲାର ୨ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ୱାର୍ଲଡ ଚାରିଟି ଆୱାର୍ଡ




ସ୍ୱାସ୍ଥ୍ୟକର୍ମଚାରୀଙ୍କୁ ପୁରସ୍କୃତ କରାଯାଉଛି।

ବ୍ରହ୍ମପୁର, ୩।୧(ସୁବାସବଚନ୍ଦ୍ର ପାଢ଼ୀ): ଗଂଜାମ ଜିଲା ସ୍ୱାସ୍ଥ୍ୟକର୍ମୀ ରବୀନ୍ଦ୍ର ନାଥ ପ୍ରଧାନ ଏବଂ ଫାର୍ମାସିଷ୍ଟ ସୁଶାନ୍ତ କୁମାର ପ୍ରଧାନ ୱାର୍ଲଡ ଚାରିଟି ୱେଲଫର ଫାଉନଣ୍ଡେସନ ଦ୍ୱାରା ପୁରସ୍କୃତ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି। ପୁରୀ ସ୍ଥିତ ସଂସ୍କୃତି ଭବନରେ ଅନୁଷ୍ଠିତ ଏକ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସେମାନଙ୍କୁ ସମ୍ମାନିତ କରାଯାଇଛି। । କୁକୁଡାଖଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରର ପୁରୁଷ ସ୍ୱାସ୍ଥ୍ୟ କର୍ମୀ ରବୀନ୍ଦ୍ର ନାଥ ପ୍ରଧାନ ଦୀର୍ଘ ୨୦ ବର୍ଷର ନିରବିଚ୍ଛିନ୍ନ ସାମାଜିକ ଓ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପାଇଁ ସମ୍ମାନଜନକ ଡ଼କ୍ଟରେଟ ଉପାଧି ପାଇଥିବା ବେଳେ ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲରେ କାର୍ଯ୍ୟରତ ଫାର୍ମାସି ଅଫିସର ସୁଶାନ୍ତ କୁମାର ପ୍ରଧାନ ଉତ୍ତମ ସ୍ୱାସ୍ଥ୍ୟ ସେବା ଓ ବିଭିନ୍ନ ସଚେତନତାମୂଳକ ସମାଜସେବା ପାଇଁ ଶ୍ରେଷ୍ଠ ଯୁବ ସାମାଜିକ କର୍ମୀ ଭାବେ ଜାତୀୟ ସ୍ତରର ସମ୍ମାନ ପାଇ ଜିଲା ପାଇଁ ଗୌରବ ଆଣିଛନ୍ତି । ଏହି ସମ୍ମାନ ଭାରତ ସରକାରଙ୍କ ନୀତି ଆୟୋଗ , କ୍ଷୁଦ୍ରଶିଳ୍ପ ଓ ସ୍ୱାସ୍ଥ୍ୟ କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ପ୍ରଦାନ କରାଯାଇଛି ।

## ବାପା-ଝିଅଙ୍କୁ ଆକ୍ରମଣ ମାମଲା, ପୁଅ ନିର୍ଦ୍ଦୋଷ

ବ୍ରହ୍ମପୁର, ୩।୧(ସୁବାସ ଚନ୍ଦ୍ର ପାଢ଼ୀ)

ବାପାଙ୍କୁ ଓ ଝିଅଙ୍କୁ ଆକ୍ରମଣ ମାମଲାର ଶୁଣାଣି କରି ଗଞ୍ଜାମ ଜିଲା ଦୌରା ଜଜ ରୂପଶ୍ରୀ ଚୌଧୁରୀ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ହେଲେ ବାଲାଜୀପେଣ୍ଠ ସାହିର କୃଷ୍ଣଚନ୍ଦ୍ର ବେହେରାଙ୍କ ପୁଅ ଚନ୍ଦ୍ର ଶେଖର ବେହେରା। ମାମଲାର ବିବରଣୀରୁ ପ୍ରକାଶ ଯେ, ବାଲାଜୀପେଣ୍ଠରେ ରହୁଥିବା କୃଷ୍ଣଚନ୍ଦ୍ର ବେହେରାଙ୍କ କାଳିଆ ବେହେରା ଓ ଚନ୍ଦ୍ରଶେଖର ବେହେରା ଦୁଇ ପୁଅ। ସେହିପରି ଝିଅ ଲକ୍ଷ୍ମୀ ପ୍ରିୟା ମଧ୍ୟ ରୁହନ୍ତି। ଘର ଭାଗ କରିବା ପାଇଁ ଚନ୍ଦ୍ରଶେଖର ସଦାସର୍ବଦା ତାଙ୍କ ବାପାଙ୍କ ସହ ଝଗଡା କରୁଥିଲେ। ମୁ ବଞ୍ଚିଥିଲା ଯାଏଁ ଘର ଭାଗବଣ୍ଟା କରାଯିବ ନାହିଁ ବୋଲି କୃଷ୍ଣ ଚନ୍ଦ୍ର କହୁଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଚନ୍ଦ୍ରଶେଖର ୨୦୨୪ ଏପ୍ରିଲ ୨୨ ତାରିଖରେ ତାଙ୍କ ବାପାଙ୍କ ସହ ଝଗଡା କରିଥିଲେ। ଏପରିକି ତାଙ୍କୁ ଆକ୍ରମଣ ମଧ୍ୟ କରିଥିଲେ। ଘର ଭିତରେ ଥିବା ଲକ୍ଷ୍ମୀପ୍ରିୟା ଏହାର ପ୍ରତିବାଦ କରିଥିଲେ। ସେ ତାଙ୍କୁ ମଧ୍ୟ ମାରପିଟ କରିବା ସହ ଘରେ ନିଆଁ ଲଗାଇ ଦେଇଥିଲେ। ଘରର ଆସବାବପତ୍ର ପୋଡ଼ିଯାଇଥିଲା। ଏନେଇ କାଳିଆ ବେହେରା ବଡବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ ୧୪୪/୨୪ ରେ ଅଭିଯୁକ୍ତ ଚନ୍ଦ୍ରଶେଖର ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାରଣା ବେଳେ ୬ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ଚନ୍ଦ୍ରଶେଖର ବେହେରା କୋର୍ଟରେ ହାଜର ହୋଇଥିଲେ। ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଏସ. ମୋହନ ପ୍ରସାଦ ପାତ୍ର ମକଦ୍ଦମା ପରିଚାଳନା କରୁଥିଲେ।

## 'ଯନ୍ତ୍ରଣାର ପୂର୍ଣ୍ଣଚ୍ଛେଦ' ମଞ୍ଚସ୍ଥ

ବ୍ରହ୍ମପୁର,୩।୧(ସ୍ମୃତି ରଞ୍ଜନ ମହାଲିକ)



ଜିଲା ମଂଚ କଳାକାର ସମ୍ମିଳନୀ ପକ୍ଷରୁ ୩୪ତମ ଦକ୍ଷିଣ ଓଡିଶା ନାଟକ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ପ୍ରକାଶମ ହଲ ପରିସରରେ ଉଦଘାଟିତ ହୋଇଯାଇଛି। ବରିଷ୍ଠ ନାଟ୍ୟବିତ ଓ ଶିକ୍ଷାବିତ ମେଜର ରମା ରମଣ ପାଢ଼ି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମିଳନୀ ପକ୍ଷରୁ ଆୟୋଜିତ ଏକ ସଭାରେ ସଭାପତି ବଳରାମ ଦାସ ସଭାପତିତ୍ୱ କରିଥିଲେ। ଏଥିରେ ଅତିଥି ରୂପେ ବରିଷ୍ଠ ସାହିତ୍ୟିକ ଇଂ ଯାମିନୀକାନ୍ତ ଦାସ, ବରିଷ୍ଠ ଗୀତିକାର ଡା ତିରୁପତି ପାତ୍ର, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ସ୍ୱପ୍ନେଶ୍ୱର ପ୍ରଧାନ, ସମ୍ମିଳନୀର ସାଧାରଣ ସଂପାଦକ ରମେଶ ମହାରଣା, କାର୍ଯ୍ୟକାରୀ ସଭାପତି ବିଚିତ୍ରାନନ୍ଦ ବେବର୍ତ୍ତା ଓ ଉପସଭାନେତ୍ରୀ କିରଣବାଳା ମିଶ୍ର ଯୋଗ ଦେଇଥିଲେ। ଉଦଘାଟନୀ ସନ୍ଧ୍ୟାରେ ଭଞ୍ଜନଗରର ଲୁଦୁଲୁଦି ଗୁରୁନାଥ ସାଂସ୍କୃତିକ ପରିଷଦ ପକ୍ଷରୁ ଯନ୍ତ୍ରଣାର ପୂର୍ଣ୍ଣଚ୍ଛେଦ ନାଟକ ପରିବେଷଣ ହୋଇଥିଲା। ପ୍ରତ୍ୟେକ କ୍ରିୟାର ପ୍ରତିକ୍ରିୟା ରହିଛି। ମାଟିର ପୃଷ୍ଠ ଭୂମି ଏହାର ସଦ୍ୟ ଉଦାହରଣ। ଏଭଳି ବିଷୟକୁ ନେଇ ନାଟକଟି ପରିବେଷିତ ହୋଇଥିଲା। ନାଟକରେ ଶିବରାମ ରାଉତ, ଦିଲୀପ କୁମାର ସ୍ୱାଇଁ, ଛାୟାକାନ୍ତ ମହାପାତ୍ର, ନାରାୟଣ ନାୟକ, ବିଷ୍ଣୁ ପ୍ରସାଦ ପଣ୍ଡା, ସୁମନ୍ତ କୁମାର ବିଶୋୟୀ ଓ ରଶ୍ମିରାଣୀ ସ୍ୱାଇଁ ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ନାଟକରେ ବିଜୟ କୁମାର ପାତ୍ର ରଚନ ଏବଂ ନିର୍ଦ୍ଦେଶନା ଦେଇଥିବା ବେଳେ ଅରୁଣ କୁମାର ସାହୁ ସଂଗୀତ ନିର୍ଦ୍ଦେଶନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ସୁଶାନ୍ତ ରାଉଳଙ୍କ ସମେତ ମଂଚର ବହୁ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଏମ୍‌କେସିଜି କ୍ୟାମ୍ପସରେ ଜଳୁନି ଷ୍ଟ୍ରିଟ୍ ଲାଇଟ
### ଜେଡିଏ କର୍ମକର୍ତ୍ତାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ବ୍ରହ୍ମପୁର,୩।୧(ସୁବାସ ଚନ୍ଦ୍ର ପାଢ଼ୀ): ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ କ୍ୟାମ୍ପସରେ ଦୀର୍ଘଦିନ ହେଲା ଖରାପ ହୋଇ ପଡିଥିବା ଷ୍ଟ୍ରିଟ ଲାଇଟ ମରାମତି ପ୍ରସଙ୍ଗକୁ ନେଇ କନିଷ୍ଠ ଡାକ୍ତର ସଂଘ (ଜେଡିଏ) କର୍ମକର୍ତ୍ତାଙ୍କୁ ପୂର୍ତ୍ତ ବିଭାଗର ଯନ୍ତ୍ରୀ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ଏମକେସିଜିର ଡାକ୍ତର ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏମକେସିଜି ମେଡିକାଲ କ୍ୟାମ୍ପସର ମୁଖ୍ୟ ରାସ୍ତା ଓ ବିଭିନ୍ନ ସ୍ଥାନରେ ଲାଗିଥିବା ଏକାଧିକ ଷ୍ଟ୍ରିଟ ଲାଇଟ ଅନେକ ଦିନ ହେବ ଖରାପ ହୋଇପଡିଛି । ଯେଉଁଥିପାଇଁ ଡ୍ୟୁଟି ସାରି ଅନ୍ଧାର ରାସ୍ତାରେ ହଷ୍ଟେଲ ତଥା ରୁମକୁ ଫେରୁଥିବା ମହିଳା ଡାକ୍ତର ଓ ଛାତ୍ରୀଛାତ୍ର ସୁରକ୍ଷିତ ମଣୁନାହାନ୍ତି। ତେଣୁ ଷ୍ଟ୍ରିଟ୍ ଲାଇଟ ମରାମତି ଓ କିଛି ନୂତନ ସ୍ଥାନରେ ଷ୍ଟ୍ରିଟ ଲାଇଟ ଲଗାଇବାକୁ ଡାକ୍ତର ସଂଘ ପକ୍ଷରୁ ପୂର୍ବରୁ ଦାବି କରାଯାଇଥିଲା। ସେହିକ୍ରମରେ ପୂର୍ତ୍ତ ବିଭାଗ ପକ୍ଷରୁ ଷ୍ଟ୍ରିଟ ଲାଇଟ ମରାମତି ଓ ସ୍ଥାପନ ନେଇ ଏକ ଆକଳନ ପ୍ରସ୍ତୁତ କରି ଅନୁମୋଦନ ପାଇଁ ଏମକେସିଜି କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରାଯାଇଥିଲା। ହେଲେ କୌଣସି କାରଣରୁ ସେହି ଆକଳନକୁ ଏମକେସିଜି କର୍ତ୍ତୃପକ୍ଷ ଅନୁମୋଦନ ନକରି ପୁଣିଥରେ ଆକଳନ କରି ପଠାଇବାକୁ କହିଥିଲେ । ଏମକେସିଜି କର୍ତ୍ତୃପକ୍ଷ ବାରମ୍ବାର ଆକଳନ ପଠାଇବାକୁ କହୁଥିବାରୁ ପୂର୍ତ୍ତବିଭାଗ ଷ୍ଟ୍ରିଟ ଲାଇଟ ମରାମତି କରାଯାଇ ପାରୁନାହିଁ। ଗୁରୁବାର କନିଷ୍ଠ ଡାକ୍ତର ସଂଘ ସଭାପତି ଡା. ଆଲୋକ ଦାସ ଓ ସମ୍ପାଦକ ଡା. କିଷାନ ମଲ୍ଲିକ ସହ ସଂଘର ଅନ୍ୟ କର୍ମକର୍ତ୍ତା ପୂର୍ତ୍ତ ବିଭାଗ ସମ୍ପୃକ୍ତ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇ କ୍ୟାମ୍ପସରେ ଷ୍ଟ୍ରିଟ ଲାଇଟ ମରାମତିରେ କାହିଁକି ବିଳମ୍ବ ହେଉଛି ବୋଲି ପ୍ରଶ୍ନ କରିଥିଲେ । ଏହି ସମୟରେ ଯନ୍ତ୍ରୀ ଜଣଙ୍କ ଡାକ୍ତର ସଂଘ କର୍ମକର୍ତ୍ତାଙ୍କୁ ଦୁର୍ବ୍ୟବହାର କରିଥିବା ସଂଘ ପକ୍ଷରୁ ଏମକେସିଜିର ଡିନ ତଥା ଅଧକ୍ଷାଙ୍କ ନିକଟରେ ଅଭିଯୋଗ କରାଯାଇଛି । ଏହି ଅଭିଯୋଗପତ୍ରର ନକଲ ଜିଲାପାଳ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଥିବା ସଂଘ ସଭାପତି ଡା. ଦାସ କହିଛନ୍ତି ।

## ସରକାରୀ ବୃତ୍ତି ପରୀକ୍ଷାରେ ଗୋସାଣୀ ନୂଆ ଗାଁ ଶିଶୁ ବିଦ୍ୟା ମନ୍ଦିରର ସଫଳତା



କୃତୀ ଛାତ୍ରୀଛାତ୍ର ଓ ଉପସ୍ଥିତ ପ୍ରଧାନଚାର୍ଯ୍ୟ ଏବଂ ଅନ୍ୟମାନେ।

ବ୍ରହ୍ମପୁର,୩।୧(ସ୍ମୃତି ରଞ୍ଜନ ମହାଲିକ)- ଗୋସାଣୀ ନୂଆ ଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ର ସରକାରୀ ବୃତ୍ତି ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ୩ୟ ଶ୍ରେଣୀରୁ ୪ ଜଣ ଓ ୫ମ ଶ୍ରେଣୀରୁ ୪ ଜଣ ସଫଳ ହୋଇଛନ୍ତି। ଏ ନେଇ ବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ୩ୟ ଶ୍ରେଣୀର ସୌମିତ୍ରି ପ୍ରିୟବ୍ରତ ପଣ୍ଡା, ଋତୁପର୍ଣ୍ଣା ଖଣ୍ଡୁଆଳ, ସାଇ କୁମାର ସେଠୀ, ଅର୍ଦ୍ଧେନ୍ଦୁ ଶେଖର ପାଢ଼ି ଓ ୫ମ ଶ୍ରେଣୀର ଶ୍ରେୟାଂସୁ ସାହୁ, ଆସୀମା ଦାଶ, ସାଇ ପ୍ରସାଦ ରଥ ଓ ଇଶିକା ଦାସଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ସଫଳତାକୁ ନେଇ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଓ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ କୃତଜ୍ଞତା ଜଣାଇଛନ୍ତି।

## ଜିଲାରେ ବୃହତ୍ ଇସ୍ପାତ କାରଖାନା ପ୍ରତିଷ୍ଠା ଦାବି

ବ୍ରହ୍ମପୁର,୩।୧(ସ୍ମୃତି ରଞ୍ଜନ ମହାଲିକ)

ଜିଲାରେ ବୃହତ୍ ଇସ୍ପାତ କାରଖାନା ପ୍ରତିଷ୍ଠା କରିବା ପାଇଁ ଗଞ୍ଜାମବାସୀଙ୍କ ପକ୍ଷରୁ ତୁମ୍ବେଶ୍ୱର ନାୟକ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଇସ୍ପାତ ମନ୍ତ୍ରୀ, ଓଡିଶା ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଉଚ୍ଚ ଶିକ୍ଷା ମନ୍ତ୍ରୀ ଏବଂ ଓଡିଶା ମୁଖ୍ୟ ଶାସନ ସଚିବଙ୍କୁ ଡାକ ମାଧ୍ୟମରେ ଚିଠି ପଠାଇ ଦାବି କରିଛନ୍ତି। ଚିଠିରେ ଉଲେଖ ରହିଛି ଯେ, ଜିଲାରେ ଦୀର୍ଘ ବର୍ଷ ଧରି ନିଯୁକ୍ତିର ଅଭାବ ରହିଛି। ଦୀର୍ଘ ଦଶନ୍ଧି ଧରି ଟାଟା କଂପାନୀ ବୃହତ୍ତ ଇସ୍ପାତ କାରଖାନା ଗୋପାଳପୁରଠାରେ ପ୍ରତିଷ୍ଠା କରିବା ପାଇଁ ୪୦୦୦ରୁ ଉର୍ଦ୍ଧ୍ୱ ଜମି ଅଧିଗ୍ରହଣ କରିଛି। କିନ୍ତୁ ଆଜି ଯାଏଁ ଇସ୍ପାତ କାରଖାନା ହୋଇପାରି ନାହିଁ। ଲୋକଙ୍କ ଜମିକୁ ସୁଲଭ ଦରରେ କିଣି ଜୀବିକା ଛଡାଇ ନେଇଥିବା ସେ ଚିଠିରେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଏହି ସ୍ଥାନରେ ଏସଇଜେଡ ଶିଳ୍ପ ପାର୍କ କରି ନାମକୁ ମାତ୍ର ୨ଟି ଛୋଟ ଶିଳ୍ପ ସ୍ଥାପନ ହୋଇଛି। ଯେଉଁଥିରେ କମ ସଂଖ୍ୟକ ନିଯୁକ୍ତି ହୋଇଛି। ଅନ୍ୟପଟେ ଜିଲାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଖଲିକୋଟ ବିଶ୍ୱବିଦ୍ୟାଳୟ, ବହୁ ମହାବିଦ୍ୟାଳୟ, ଆଇଟିଆଇ କଲେଜ, ଡିପ୍ଲୋମା ଓ ଡିଗ୍ରୀ ଇଞ୍ଜିନିୟରିଂ କଲେଜ ରହିଛି। ଏଠାରୁ ପ୍ରତି ବର୍ଷ ଲକ୍ଷାଧିକ ଯୁବତୀ ଓ ଯୁବକ ନିଜ ଜିଲାରେ ରୋଜଗାର ନ ଥିବାରୁ ସେମାନେ ଅନ୍ୟ ରାଜ୍ୟ ଓ ବିଦେଶକୁ କାମ କରିବାକୁ ଯାଉଛନ୍ତି। ଯଦ୍ୱାରା ଅନ୍ୟ ରାଜ୍ୟ ଓ ଦେଶର ଅର୍ଥନୀତି ସୁଦୃଢ ହେଉଛି। ଏପରିକି ଅନେକ ସମୟରେ ଆବଶ୍ୟକତାଠାରୁ ଅଧିକ କାମ ଏବଂ ଶ୍ରମିକ ଶୋଷଣର ଶୀକାର ହୋଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ସେମାନଙ୍କ ଅକାଳ ମୃତ୍ୟୁ ହେଉଛି। ଫଳରେ ତାଙ୍କର ପରିବାର ମୂରବୀ ବିହୀନ ହୋଇପଡୁଛି। ଏଣୁ ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଦକ୍ଷିଣ ଓଡିଶାର ବିକାଶ ଏବଂ ଶିକ୍ଷିତ ଯୁବତୀ ଯୁବକଙ୍କୁ ରୋଜଗାର ଦେବା ସହ ଜିଲାର ଉପକୂଳବର୍ତ୍ତୀ ଅଞ୍ଚଳରେ ଏକ ବୃହତ୍ତ ଇସ୍ପାତ କାରଖାନା ସ୍ଥାପନା କରିବା ପାଇଁ ସେ ଦାବି କରିଛନ୍ତି।

## ରାଜ୍ୟ କୃଷକ ମୋର୍ଚ୍ଚା ସଭାପତିଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର,୩।୧(ସୁବାସ ଚନ୍ଦ୍ର ପାଢ଼ୀ)



ମୋର୍ଚ୍ଚା ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଶୁକ୍ରବାର ଭାରତୀୟ ଜନତା ପାର୍ଟିର ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ରାୟଗଡା ଜିଲା ଗସ୍ତ ସମୟରେ ଗଞ୍ଜାମ ଜିଲା କୃଷକ ମୋର୍ଚ୍ଚା ସଭାପତି ଚିନ୍ମୟାନନ୍ଦ ମହାରାଜଙ୍କ ନେତୃତ୍ୱରେ କୁକୁଡାଖଣ୍ଡି ବ୍ଲକ ଆମ୍ବଗଡ ଠାରେ ସ୍ୱାଗତ ସମ୍ବର୍ଦ୍ଧନା ସହ ନୂତନ ବର୍ଷର ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ପରେ ଅଦିନିଆ ବର୍ଷାରେ ଚାଷୀ ଭାଇମାନଙ୍କ ସହ ଆଲୋଚନା କରିଥିଲେ। ଚାଷୀ ମାନଙ୍କର ହୋଇଥିବା କ୍ଷୟକ୍ଷତିର କ୍ଷତିପୂରଣ ଓ ବିମା କିପରି ପାଇବେ ତାହା ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି କହିଥିଲେ। ଜିଲା ପୂର୍ବତନ ସମବାୟ ସମିତି ସଂଘ ସଭାପତି ସନାତନ ସଂଗ୍ରାମ ସିଂ, ସନ୍ତୋଷ ଚୈଧୁରୀ,ମଣ୍ଡଳ ସଭାପତି ଅଦଳ ନନ୍ଦ କିଶୋର, ଏ. ବାବୁଲା ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗଜେନ୍ଦ୍ର ଚୌଧୁରୀ, ଅମୂଲ୍ୟ ଚୌଧୁରୀ, ସଂଯୋଜକ ସୁନୀଲ ମହାନ୍ତି, ସନ୍ତୋଷ ବିଶ୍ୱାଳ, ଗୋବିନ୍ଦ ପ୍ରଧାନ ପ୍ରମୁଖ କର୍ମୀ ଉପସ୍ଥିତ ଥିଲେ।

## ଓଡ଼ିଶା ଆଇନଜୀବୀ ସଂଘ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଆଇନଜୀବୀ।

ବ୍ରହ୍ମପୁର,୩।୧(ସୁବାସ ଚନ୍ଦ୍ର ପାଢ଼ୀ) ନିକଟରେ ଭଞ୍ଜନଗରରେ ଅନୁଷ୍ଠିତ ୫୩ତମ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ରାଜ୍ୟ ସମ୍ମିଳନୀରେ ନିର୍ବାଚିତ ହୋଇଥିବା ଗଞ୍ଜାମ ଓକିଲ ସଂଘର ୩ ଆଇନଜୀବୀ ରଘୁନାଥ ପ୍ରସାଦ ପାଣିଗ୍ରାହୀ, ନୟନ ଚନ୍ଦ୍ର ମହାପାତ୍ର ଓ କୁଞ୍ଜ ବିହାରୀ ପଣ୍ଡାଙ୍କୁ ଗଞ୍ଜାମ ଓକିଲ ସଂଘ ସମ୍ବର୍ଦ୍ଧିତ କରିଛି। ନୟନ ଚନ୍ଦ୍ର ମହାପାତ୍ର ଓ ରଘୁନାଥ ପାଣିଗ୍ରାହୀ ଉପ-ସଭାପତି ଭାବରେ ଓ କୁଞ୍ଜବିହାରୀ ପଣ୍ଡା ସହ-ସମ୍ପାଦକ ଭାବରେ ନିର୍ବାଚିତ ହୋଇଥିବାରୁ ନିଖିଳ ଓଡ଼ିଶା ଆଇନଜୀବୀ ସଂଘକୁ ଗଞ୍ଜାମ ଓକିଲ ସଙ୍ଘ ଧନ୍ୟବାଦ ଦେଇଛି। ନିର୍ବାଚିତ ସଦସ୍ୟମାନେ ସମ୍ବର୍ଦ୍ଧନା ସଭାରେ କହିଛନ୍ତି ସେମାନେ ଓକିଲଙ୍କ ସ୍ୱାର୍ଥ ଓ ବୃତ୍ତିଗତ ନୈତିକତା ରକ୍ଷା ଦିଗରେ କାମ କରିବେ। ସଙ୍ଘର ରାଜ୍ୟ ସଭାପତି ଶିଶିର ପାଢ଼ିଙ୍କୁ ଧନ୍ୟବାଦ ଦେବା ସହ ତାଙ୍କ ସ୍ୱାସ୍ଥ୍ୟର ଶୀଘ୍ର ଆରୋଗ୍ୟ କାମନା କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ରାଜ୍ୟ ଆଇନଜୀବି ପରିଷଦ ସଦସ୍ୟ ଆଇନଜୀବୀ ପୀତବାସ ପଣ୍ଡା ଉପସ୍ଥିତ ଥିଲେ। ଅଶୋକ ଶୁକ୍ଳ, ବିରଞ୍ଚି ନାରାୟଣ ମହାପାତ୍ର, ହିରକ ରଥ,ଅରୁଣ ବିଶାଳ ,ମଦନ ପାତ୍ର ,ସଞ୍ଜୟ ମିଶ୍ର ,ବରୁଣ ଗୌଡ଼, କମଳ ପଣ୍ଡା ରାମ କୃଷ୍ଣ ମହାରଣା, ରାମଚନ୍ଦ୍ର ପଣ୍ଡା ,ସନ୍ତୋଷ ସାହୁ, ସୁଧାଂଶୁ ସେଠୀ, ସଞ୍ଜୟ ଜେନା ସମେତ ବହୁ ଆଇନଜୀବୀ ଯୋଗଦେଇଥିଲେ ।

# ଆର୍‌ପିଏଫ୍ ସଶକ୍ତ ନ ହେଲେ ଯାତ୍ରୀ ଅସୁରକ୍ଷିତ

■ କଲବଲ କରୁଛନ୍ତି ମୁଙ୍ଗେର, ଜାମତରା ଓ ରୋହତକ ଗ୍ୟାଙ୍ଗ
■ ଲୁଟ୍‌ରେ ସଫଳ ନ ହେଲେ ଗାଁ ବାରଣ

ବ୍ରହ୍ମପୁର,୩।୧(ସୁବାସ ଚନ୍ଦ୍ର ପାଢ଼ୀ )

ଆଞ୍ଚଳିକ, ଆନ୍ତଃଜିଲା ଓ ଆନ୍ତଃରାଜ୍ୟ ଟ୍ରେନ ଲୁଟେରାଙ୍କ ଲୁଟ୍ କୌଶଳ ଏବେ ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। କିଏ ପାନୀୟରେ ନିଶା ଔଷଧ ଦେଇ ଲୁଟ କରୁଛନ୍ତି ତ ଆଉ କିଏ ବ୍ୟାଗ୍ କାଟି ଲୁଟି ନେଉଛନ୍ତି। ପ୍ରତି ଷ୍ଟେଶନରେ ରେଳ ସୁରକ୍ଷା ବଳ (ଆର୍‌ପିଏଫ) ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନ କରାଯାଉଥିଲେ ବି ସେଥିପ୍ରତି ନଜର ନ ଦେବା ଯାତ୍ରୀଙ୍କ ପାଇଁ ବିପଦ ସାଜୁଛି। ଏଥିରେ ଆରପିଏଫ ଓ ସରକାରୀ ରେଳବାଇ ପୋଲିସ (ଜିଆରପି) ବଦନାମ ମୁଣ୍ଡାଉଛି। ରାଜ୍ୟରେ ଆନ୍ତଃରାଜ୍ୟ ଜାମତରା, ମୁଙ୍ଗେର ଓ ରୋହତକ ଲୁଟେରା ଗ୍ୟାଙ୍ଗ ଟ୍ରେନ ଯାତ୍ରୀଙ୍କୁ ହଇରାଣ କରୁଥିବା ବେଳେ ପୋଲିସକୁ ନାକେଦମ ହେବାକୁ ପଡୁଛି। ପୋଲିସ ସାଦା ପୋଷାକରେ ଯାତ୍ରୀଙ୍କ ସୁରକ୍ଷାରେ ଲାଗି ପଡିଥିଲେ ବି ତାହା କେଉଁଠି ନା କେଉଁଠି ତ୍ରୁଟି ଯୋଗୁ କାମ ଦେଉନି।

ଗତ ୪ ମାସ ତଳେ ସାକ୍ଷୀଗୋପାଳରୁ କେତେଜଣ ଯାତ୍ରୀ ଟ୍ରେନରେ ଆସୁଥିବାବେଳେ ସେମାନଙ୍କୁ ପଇଡରେ ନିଶା ଔଷଧ ଦେଇ ଲୁଟ ହୋଇଥିଲା। ତାହା ବ୍ରହ୍ମପୁରରେ ଜଣାପଡିଥିଲା। ପୋଲିସ ପହଞ୍ଚିଲା ବେଳକୁ ଲୁଟେରାମାନେ ଫେରାର ହୋଇଯାଇଥିଲେ। ସେମାନଙ୍କୁ ଟ୍ରାକ କରି ପୋଲିସ ତାମିଲନାଡୁରୁ ଧରିଥିଲା। ବିଶେଷକରି ଏସି ଓ ସଂରକ୍ଷଣ ବଗିଗୁଡିକରେ ଟିକେଟ କରି ଲୁଟେରାମାନେ ଚଢୁଛନ୍ତି। ଜଣେ ଯାତ୍ରୀଙ୍କ ପାଖରେ ଗହଣା ଟଙ୍କା ଅଛି ବୋଲି ସେମାନେ କେମିତି ଜାଣୁଛନ୍ତି ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଟ୍ରେନରେ ଛୋଟମୋଟ ଲୁଟେରାଙ୍କୁ ଛାଡ଼ିଦେଲେ ବିଶେଷ କରି ବିହାରର ମୁଙ୍ଗେର, ଝାଡଖଣ୍ଡର ଜାମତରା ଓ ହରିଆନାର ରୋହତକ ଅଞ୍ଚଳର ଗ୍ୟାଙ୍ଗ ଲୁଟ କରିବାରେ ପାରଙ୍ଗମ। କିନ୍ତୁ ଏହି ୩ ଗ୍ୟାଙ୍ଗର ଲୁଟ ତରିକା ଅଲଗା। ମୁଙ୍ଗେର ଗ୍ୟାଙ୍ଗ ଚେନ କାଟି ନେବା, ଜାମତରା ଗ୍ୟାଙ୍ଗ ନିଶାଦେଇ ଲୁଟିବା ଓ ରୋହତକ ଗ୍ୟାଙ୍ଗ ବ୍ୟାଗ କାଟି ନେବାରେ ସିଦ୍ଧହସ୍ତ। ସାଧାରଣତଃ ପ୍ରତ୍ୟେକ ଯାତ୍ରୀ ଅର୍ଥ ସୁରକ୍ଷା ଜାଗ୍ରତ ଥାଆନ୍ତି। ସେତିକିରୁ ଲୁଟେରା ଜାଣିପାରନ୍ତି ଯେ, ସୁନା ଗହଣା କେଉଁଠି ଅଛି। ପରେ ଆରମ୍ଭ ହୁଏ ଲୁଟ ତରିକା। ବିଶେଷକରି ଯାତ୍ରୀ ଓହ୍ଲାଇବା ପୂର୍ବରୁ ଗ୍ୟାଙ୍ଗର ୫ରୁ ୭ ଜଣ ଯାତ୍ରୀଙ୍କୁ ଘେରିଯାଆନ୍ତି। ୨/୩ ଜଣ କଥା ହେବା ବେଳେ ଆଉ ଜଣେ ଲୁଟିବା କାମ କରନ୍ତି। ତାହା ମଧ୍ୟ ମାତ୍ର ୧୦ରୁ ୧୫ ସେକେଣ୍ଡ ମଧ୍ୟରେ। ଲୁଟ କରିବା ପରେ ଗହଣାକୁ ତତ୍‌କ୍ଷଣାତ୍ ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କୁ ଦେଇଦିଅନ୍ତି। ଏକ ଗ୍ୟାଙ୍ଗକୁ ଜେରା ବେଳେ ଏହା ଜଣାପଡିଥିବା ଅଧିକାରୀ ଜଣକ କହିଛନ୍ତି। ଗତ ୧୪ ତାରିଖ ମେ' ଫେୟାରରେ ବାହାଘର ଭୋଜିରେ ଯୋଗଦେବାକୁ ଯାଉଥିବା ଯାତ୍ରୀ ଦଳଙ୍କ ପ୍ରାୟ ୮୦ ଲକ୍ଷ ଟଙ୍କା ଗହଣା ଚୋରି ହେବା ପରେ ବ୍ରହ୍ମପୁର ଜିଆରପି ଥାନାରେ ଅଭିଯୋଗ ହୋଇଥିଲା। ତେବେ ଉକ୍ତ ଲୁଟରେ ସମ୍ପୃକ୍ତ ଦଳର ୩ଜଣଙ୍କୁ ହରିଆନାର ରୋହତକ ଜିଲାରୁ ଧରାଯାଇଥିଲା। ଏହି ଗ୍ୟାଙ୍ଗରେ ୭ଜଣ ଥିବାବେଳେ ଅନ୍ୟମାନଙ୍କୁ ଧରାଯାଇପାରିନାହିଁ। ତେବେ ଅତି ରୋଚକ ତଥ୍ୟ ଅଧିକାରୀଙ୍କଠାରୁ ଜାଣିବାକୁ ମିଳିଛି। ଯେଉଁ ଗାଁରୁ ଏମାନଙ୍କୁ ଧରାଯାଇଥିଲା ସେହି ଗାଁରେ ଜଣେ ମୁଖିଆ ଅଛନ୍ତି। ସେଠାକାର ମୁଖିଆଙ୍କ କଥାରୁ ଜଣାପଡିଥିଲା ଯେ, ଯିଏ ବେଶୀ ଲୁଟ କରିବ ତାଙ୍କୁ ଗାଁରେ ସମ୍ମାନ ମିଳିବ। ସେ ଲୁଟ କରି ଆଣିଥିବା ସାମଗ୍ରୀରୁ କିଛି ଗାଁ କୋଠ ପାଇଁ ରଖାଯିବ। ଯଦି ଏତିକି ଯିଏ ନ କଲେ ତେବେ ଗାଁରୁ ତାଙ୍କୁ ବାରଣ କରାଯିବ। ଏହା ସେମାନଙ୍କ ଗାଁର ପରମ୍ପରା। ଉପରୋକ୍ତ ସ୍ଥାନଗୁଡିକରେ ଅନେକ ଗ୍ୟାଙ୍ଗ ରହିଛନ୍ତି। ଗୋଟିଏ ଗ୍ୟାଙ୍ଗର କାରନାମା ସରିବା ପରେ ଆଉ ଏକ ଗ୍ୟାଙ୍ଗ ଆସିବ। ଦିନକୁ ଦିନ ନୂଆ ନୂଆ ଗ୍ୟାଙ୍ଗ ଏହି କାର୍ଯ୍ୟ କରୁଥିବାରୁ ସେମାନଙ୍କୁ ଧରିବା ବି କାଠିକର ପାଠ ହେଉଛି। ସେମାନଙ୍କୁ କିଭଳି ଧରାଯାଇପାରିବ ବୋଲି ପୋଲିସ ଅଧିକାରୀ ଜଣଙ୍କୁ ପଚାରିବାରୁ ସେ କହିଲେ ଯେ, ରେଳବାଇ ପୋଲିସ ଏ କ୍ଷେତ୍ରରେ ଅଧିକ ସଶକ୍ତ ହେବାକୁ ପଡିବ। ବିଶେଷ କରି ଟ୍ରେନରେ ଉନ୍ନତ ଧରଣର ସିସିଟିଭି ଲଗାଇବାକୁ ପଡିବ। ସିସିଟିଭିକୁ ନିୟନ୍ତ୍ରଣ କରିବା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ସହାୟତା ନେବାକୁ ହେବ। ଜଣେ ଏହାକୁ ମନିଟରିଂ କରିବାକୁ ପଡିବ। ମନିଟରଙ୍କ ନିର୍ଦ୍ଦେଶରେ ତତକ୍ଷଣାତ ଯାଇ ଲୁଟେରା ଧରିବାକୁ ହେବ। ଅନ୍ୟପକ୍ଷରେ ଖାଦ୍ୟ, ପାନୀୟ, ବେଡସିଟ ଯୋଗାଉଥିବା କର୍ମଚାରୀଙ୍କୁ ଭେରିଫିକେସନ କରି ଟ୍ରେନକୁ ଛାଡିବାକୁ ପଡିବ ବୋଲି ସେ କହିଛନ୍ତି। ଆରପିଏଫର କ୍ରାଇମ ଇଣ୍ଟେଲିଜେନ୍ସ ବ୍ୟୁରୋ (ସିଆଇବି) ଯଦି ସଶକ୍ତ ନହେବ ଲୁଟେରାଙ୍କୁ ଧରି ହେବନି ଓ ଯାତ୍ରୀ ଅସୁରକ୍ଷିତ ହୋଇପଡିବେ ବୋଲି ସେ କହିଛନ୍ତି।

